## ସଂକ୍ଷେପରେ

### ମହିଳାଙ୍କ ବେକରୁ ସୁନାହାର ଲୁଟ୍

ପାଣିକୋଇଲି,୧୧।୨(ବିକାଶ ମଲ୍ଲିକ): ଯାଜପୁର ଟାଉନରୁ ରାତିରେ ଫେରୁଥିବା ଜଣେ ମହିଳାଙ୍କ ବେକରୁ ସୁନା ହାର ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ମହିଳା ହେଲେ ଯାଜପୁରରୋଡ୍‌ସ୍ଥିତ କହ୍ନେଇପୁରଠାରେ ଭଡ଼ା ନେଇ ରହୁଥିବା ସଞ୍ଜୟ ସାହୁଙ୍କ ସ୍ତ୍ରୀ ସାସ୍ୱତୀ ସୌମ୍ୟା ସାହୁ। ସେ ତାଙ୍କ ସମ୍ପର୍କୀୟଙ୍କ ସହିତ ଏକ ବାଇକରେ ଘରକୁ ଫେରୁଥିବାବେଳେ ପାଣିକୋଇଲି ଥାନା ଅନ୍ତର୍ଗତ ରୁଡିଆ ନିକଟରେ ଲୁଟ୍‌ର ଶିକାର ହୋଇଛନ୍ତି। ଏକ ବାଇକରେ ପିଛା କରୁଥିବା ୨ ଦୁର୍ବୃତ୍ତ ନିଛାଟିଆ ସ୍ଥାନ ଦେଖି ସୋମନଙ୍କୁ ଅଟକାଇ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ସୁନାହାର ଲୁଟି ନେଇଛନ୍ତି। ଏନେଇ ସୋମ୍ୟା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ନଂ.୮୮/୨୪ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ବିଜେଡି ନେତାଙ୍କ ପରଲୋକ

ଚଣ୍ଡିଖୋଲ,୧୧।୨(ପ୍ରଦୀପ୍ତ କୁମାର ପୃଷ୍ଟି):



ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ପଞ୍ଚାୟତ ରୁକୁଟୀପାଟ ଗ୍ରାମ ବାସିନ୍ଦା ତଥା ରାଉରକେଲା ସାଂଗଠନିକ ଜିଲା ବିଜେଡି ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର କୁମାର ଜେନା(୫୭)ଙ୍କ ପରଲୋକ ହୋଇଯାଇଛି। ସେ ରାଉରକେଲାରେ ରହୁଥିଲେ। ତାଙ୍କ ଶରୀର ହଠାତ ଅସୁସ୍ଥ ହୋଇ ପଡ଼ିଥିଲା। ସେଠାରେ ଚିକିତ୍ସା କରିବା ପରେ ଅଧିକ ଅସୁସ୍ଥ ହୋଇ ପଡ଼ିବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ବିୟୋଗରେ ବାଲିଚନ୍ଦ୍ରପୁର ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ମନ୍ତ୍ରୀ ସାରଦା ପ୍ରସନ୍ନ ନାୟକ, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ ଓ ଯତୀନ୍ଦ୍ର କୁମାର ନାୟକ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ଧର୍ମପରାୟଣା ମହିଳାଙ୍କ ପରଲୋକ

କଳିଙ୍ଗନଗର,୧୧।୨(ଶୁଭାଶିଷ ରାଉତ):



କଳିଙ୍ଗନଗର ଅଞ୍ଚଳର ଖବରଦାତା ରଙ୍ଗବଲ୍ଲଭ ସାହୁଙ୍କ ମାତା ଗେହ୍ଲି ଦେବୀ(୬୪)ଙ୍କ ଶନିବାର ରାତିରେ ଟମକାସ୍ଥିତ ବାସ ଭବନରେ ପରଲୋକ ହୋଇଯାଇଛି। ହୃଦୟ ସମସ୍ୟା ପାଇଁ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ସେ ଜଣେ ପରୋପକାରୀ, ଧର୍ମପରାୟଣା ଓ ମିଷ୍ଟଭାଷୀ ମହିଳା ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପରିବାର ଲୋକେ ଉପସ୍ଥିତ ଥିଲେ। ରବିବାର ପୂର୍ବାହ୍ଣରେ ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# କାମରେ ଲାଗୁନି ମାର୍କେଟ କମ୍ପ୍ଲେକ୍ସ

**ଦଶରଥପୁର ବ୍ଲକ୍**

■ ହସ୍ତାନ୍ତର ହେଉନି ମିଶନ ଶକ୍ତି ଭବନ

ଯାଜପୁର,୧୧।୨(ହର୍ଷବର୍ଦ୍ଧନ ବେହେରା): ସର୍ବଧର୍ମ ସମନ୍ୱୟର ପ୍ରତୀକ ବରାହ-ବିରଜା କ୍ଷେତ୍ରରେ ସାଧାରଣ ଲୋକଙ୍କ ଅର୍ଥନୈତିକ ବିକାଶ ଲାଗି କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ସମୟରେ ଏକାଧିକ ଯୋଜନା ପ୍ରଣୟନ କରୁଛନ୍ତି। ହେଲେ ରାଜନୈତିକ ଇଚ୍ଛାଶକ୍ତି ଓ ପ୍ରଶାସନିକ ଅବହେଳା କାରଣରୁ କେତେକ ଯୋଜନା ବାସ୍ତବ ରୂପ ନେଇ ପାରିନାହିଁ। ସେହି ଯୋଜନା ଶୀତଳ ଭଣ୍ଡାରରେ ପଡି ରହିଛି। ଏହାର ଏକ ଉଦାହରଣ ସାଜିଛି ଜିଲା ଦଶରଥପୁର ବ୍ଲକ ଅଧୀନ ଝୁମ୍ପୁରୀ ବଜାରରେ ନିର୍ମିତ ଏକ ମାର୍କେଟ କମ୍ପ୍ଲେକ୍ସ ଓ ମିଶନ ଶକ୍ତି ଭବନ। ଏହି ଦୁଇ କୋଠା ନିର୍ମାଣ ସରିବାର ୫ ବର୍ଷ ବିତିଯାଇଥିଲେ ସୁଦ୍ଧା ତାହା ଏଯାଏ କାମରେ ଲାଗି ପାରିନାହିଁ।



ଝୁମ୍ପୁରି ବଜାରରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ।

ରାଜ୍ୟ ସରକାର ମହିଳାଙ୍କ ବିକାଶ ନିମନ୍ତେ ମିଶନ ଶକ୍ତି ଗୋଷ୍ଠୀ ଗଠନ କରିବା ସହିତ ସେମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ ରଖି ବିନା ସୁଧରେ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦେଉଛନ୍ତି। ଏହାର ପରିଚାଳନା ପାଇଁ ମହାସଂଘ ଗଠନ, ଏମ୍ବିକେ ନିଯୁକ୍ତି କରାଯାଉଛି। ଏହାବାଦ ମିଶନ ଶକ୍ତି ଭବନ ନିର୍ମାଣ ନିମନ୍ତେ ୮ ଲକ୍ଷ ଟଙ୍କା ଲେଖାଏ ଅନୁଦାନ ଦିଆଯାଉଛି। ସେହିପରି ଗ୍ରାମ ପଞ୍ଚାୟତର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ ନିଜସ୍ୱ ଆୟ ବୃଦ୍ଧି କରିବା ଏବଂ ସ୍ଥାନୀୟ ଯୁବକଙ୍କୁ ବ୍ୟବସାୟ ନିମନ୍ତେ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ସରକାର ୨୦୧୩/୧୪ରେ ସ୍ୱର୍ଣ୍ଣ ଜୟନ୍ତୀ ସ୍ୱରୋଜଗାର ଯୋଜନା ପ୍ରଣୟନ କରିଛନ୍ତି। ଏହି ଯୋଜନାରେ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଝୁମ୍ପୁରୀ ବଜାରଠାରେ ମାର୍କେଟ କମ୍ପ୍ଲେକ୍ସ ଗୃହ ନିର୍ମାଣ ହୋଇଛି। ଏହାକୁ ହସ୍ତାନ୍ତର କରିବାର ୫ ବର୍ଷ ବିତିଯାଇଥିଲେ ସୁଦ୍ଧା କମ୍ପ୍ଲେକ୍ସକୁ ଅଦ୍ୟାବଧି କାର୍ଯ୍ୟକାରୀ କରା ନ ଯିବା ଦୁଃଖ ଓ ପରିତାପର ବିଷୟ ବୋଲି ମତପ୍ରକାଶ ପାଇଛି। ସେହିପରି ମାର୍କେଟ କମ୍ପ୍ଲେକ୍ସ ଛାତ ଉପରେ ମିଶନ ଶକ୍ତି ଭବନ ନିର୍ମାଣ ସରିବାର ପ୍ରାୟ ୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇସାରିଥିଲେ ସୁଦ୍ଧା ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିନାହିଁ। ଫଳରେ ମିଶନ ଶକ୍ତି ମା'ମାନେ ବାରଦୁଆର ହେବା ସାର ହେଉଛି। ଏ ସମ୍ପର୍କରେ ବିଡିଓ ଆକାଶ ପଟ୍ଟନାୟକଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଉଭୟ କମ୍ପ୍ଲେକ୍ସ ଓ ମିଶନ ଶକ୍ତି ଭବନକୁ ପଞ୍ଚାୟତବାସୀଙ୍କ କାର୍ଯ୍ୟରେ ଲଗାଯିବ ବୋଲି କହିଛନ୍ତି। ସେହିପରି ଉକ୍ତ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ନିର୍ମଳଚନ୍ଦ୍ର କ୍ୟାପଙ୍କୁ ପଚାରିବାରୁ ମାର୍କେଟ କମ୍ପ୍ଲେକ୍ସ ପଞ୍ଚାୟତକୁ ହସ୍ତାନ୍ତର ହୋଇଛି। ବାକି ମିଶନ ଶକ୍ତି ଭବନରେ ବିଦ୍ୟୁତ୍ ଓ ପାନୀୟ ଜଳ ସଂଯୋଗ କରାଯାଇ ହସ୍ତାନ୍ତର କରାଯିବ ବୋଲି କହିଛନ୍ତି।

# ପୃଥକ୍ ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ୩ ଗୁରୁତର

ଯାଜପୁରରୋଡ୍,୧୧।୨(ପବିତ୍ର ରଞ୍ଜନ ମହାନ୍ତି): ୨ ପୃଥକ୍ ବାଇକ୍ ଦୁର୍ଘଟଣାରେ ରବିବାର ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟ ୩ଜଣ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ମୃତକ ହେଲେ କୁଆଖିଆ ଥାନା ଅନ୍ତର୍ଗତ ଜାବରା ସୁକୁଦେଇପୁର ଗ୍ରାମର ନୀଳମଣି ମଲିକ(୩୮)।

ସୂଚନା ଅନୁଯାୟୀ, ରାତି ପ୍ରାୟ ୭ଟାରେ ନୀଳମଣି ତାଙ୍କ ଭାଣିଜୀଙ୍କୁ ଆଣିବାକୁ ପହଙ୍ଗା ଗାଁକୁ ଯାଇଥିଲେ। ପ୍ରତ୍ୟକ୍ଷ ଦର୍ଶୀଙ୍କ କହିବା କଥା ହଠାତ ପହଙ୍ଗା ଛକରେ ଅପରପକ୍ଷରୁ ଆସୁଥିବା ଏକ ବାଇକ ଦ୍ରୁତଗତିରେ ଆସି ନୀଳମଣିଙ୍କ ବାଇକକୁ ଧକ୍କା ଦେଇଥିଲା। ଫଳରେ ନୀଳମଣି ବାଇକରୁ ଛିଟିକି ରାସ୍ତା ଉପରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ନୀଳମଣିଙ୍କୁ ଉଦ୍ଧାର କରି ଯାଜପୁର ରୋଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ସନ୍ଧ୍ୟାରେ ଯାଜପୁରରୋଡ୍ ଦଳା ବାଇପାସ ଓଭର ବ୍ରିଜରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୩ ଯୁବକ ଗୁରୁତର ହୋଇଛନ୍ତି। ଜଣେ ସମାନ୍ୟ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଗୁରୁତରମାନଙ୍କୁ ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ସମସ୍ତଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ ସଦାନନ୍ଦ ମାଝି, ଅନିଲ ତ୍ରିପାଠୀ ଓ ସିଲୁ ସାହୁ। ତାଙ୍କ ଠିକଣା ମିଳି ପାରିନାହିଁ। ପୋଲିସ ପହଞ୍ଚି ବାଇକ ଦୁଇଟିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି ବୋଲି ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ କହିଛନ୍ତି।

# ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଜେନାପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଜେନାପୁର,୧୧।୨(ଅଶୋକ ଦାସ): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ୧୦ ଦିନ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଯୁକ୍ତ ୨ କଳା କଲେଜ ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଦାଶଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଡିଗ୍ରୀ କଲେଜ ଅଧ୍ୟକ୍ଷ ଚିତ୍ତରଞ୍ଜନ ଶତପଥୀ ଯୋଗଦେଇ ଛାତ୍ରୀମାନେ ନିଜକୁ କିପରି ସୁରକ୍ଷିତ ରଖିପାରିବେ ସେ ସମ୍ପର୍କରେ ବୁଝାଇ କହିଥିଲେ। କଲେଜ ପ୍ରାଧାପକ ରତ୍ନାକର ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟବକ୍ତା ଅଧାପକ କିଶୋର ମିଶ୍ର, ସମ୍ମାନିତ ଅତିଥିଭାବେ ଅଜୟ ସାହୁ, ପ୍ରତାପ ମହାନ୍ତି, ଅଶୋକ ବରାଳ, ଡ. ସୁରେଶ ଚନ୍ଦ୍ର ଦ୍ୱିବେଦୀ, ରାଜକିଶୋର ଚୌଧୁରୀ, ଅଧାପିକା ଚିନ୍ମୟ ନାୟକ, ମୋନାଲିସା ସାହୁ, ଗୌରାଙ୍ଗ ଚରଣ ସାହୁ, କ୍ଷେତ୍ରବାସୀ ସେଠୀ, ସନ୍ତୋଷ ଦାସ ଓ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଅଭିରାମ ପାତ୍ର ପ୍ରମୁଖ ଯୋଗଦେଇ ବହୁ ଉପାଦେୟ ବକ୍ତବ୍ୟ ରଖିଥିଲେ। ପ୍ରଶିକ୍ଷିକା ଭାବେ ଜ୍ୟୋସ୍ନା ନନ୍ଦ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଅଧାପକ ରିତେଶ ବେହେରା ଶିବିରକୁ ପରିଚାଳନା କରିଥିଲେ। କଲେଜର ସମସ୍ତ କର୍ମଚାରୀ, ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଅଧାପକ ସୌରେନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।

### ବିଦ୍ୟୁତ୍ ଖୁଣ୍ଟ ଚୋରି ଅଭିଯୋଗ

ପାଣିକୋଇଲି,୧୧।୨(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ବଡ଼ ତ୍ରିଲୋଚନପୁର (ମକୁନ୍ଦବିନ୍ଧା) ଗ୍ରାମ ନିକଟରେ ବିଦ୍ୟୁତ୍ ଖୁଣ୍ଟ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପାଣିକୋଇଲି ବିଦ୍ୟୁତ୍ ଉପଖଣ୍ଡ ଅଧୀନ ସାହାପୁରଠାରେ ୩୩ ଓ ୧୧ କେଭି ବିଦ୍ୟୁତ୍ ସଞ୍ଚାରଣ ଲାଗି ପ୍ରକଳ୍ପ କାର୍ଯ୍ୟ ଚାଲୁଛି। ବାଲେଶ୍ୱରର ବିନ୍ଧ୍ୟା ଟେଲିଲିନଓ ନାମକ ଏକ ସଂସ୍ଥା ଏହି କାର୍ଯ୍ୟର ଠିକା ନେଇଛି। ଉକ୍ତ ବିଦ୍ୟୁତ ଲାଇନ ସହ ବିଭନ୍ନ ଗ୍ରାମକୁ ସଂଚାରଣ ନିମନ୍ତେ ରାସ୍ତା କଡ଼ରେ ପଡ଼ିଥିବା ଖୁଣ୍ଟଗୁଡ଼ିକ ମଧ୍ୟରୁ ୬୧ଟି ଖୁଣ୍ଟକୁ କେହି ଦୁର୍ବୃତ୍ତ ଚୋରି କରିନେଇଛନ୍ତି। ଗତ ୭ ତାରିଖରେ ମକୁନ୍ଦବିନ୍ଧାଠାରେ ଅନ୍ୟ ଖୁଣ୍ଟଚୋରି କରିବାକୁ ଆସିଥିବା ଦୁର୍ବୃତ୍ତ ପାଟ୍ରୋଲିଂ ଗାଡି ଦେଖି ଏକ ପିକଅପ୍ ଭ୍ୟାନ ଓ ଗ୍ୟାସ କଟର ଛାଡି ପଳାଇଥିଲେ। ଉକ୍ତ ଠିକାସଂସ୍ଥାର ରାତ୍ରକାଳୀନ ମୋବାଇଲ ପାଟ୍ରୋଲିଂ ଭ୍ୟାନ ପାଟ୍ରୋଲିଂ କରୁଥବାବେଳେ ଖୁଣ୍ଟ ଗୁଡ଼ିକ ନଥିବା ଦେଖି ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପରେ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିବ୍ୟକାନ୍ତ ମହାରଣା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ନଂ.୮୭/୨୪ରେ ଏକ ମାମଲା ରୁଜୁ ହୋଇଛି।

# ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର




ମୁକୁନ୍ଦପାତ୍ର ଜୁନିୟର କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଧର୍ମଶାଳା,୧୧।୨(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ବଳରାମପୁରସ୍ଥିତ ମୁକୁନ୍ଦପାତ୍ର ଜୁନିୟର କଲେଜରେ ୮ ଦିନ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରି ଉଦ୍‌ଯାପିତ ହୋଇଯାଇଛି। କଲେଜ ପରିସରରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷ ହେମନ୍ତ ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ଯୋଗଦେଇ ଆତ୍ମରକ୍ଷା ଉପରେ ଅନେକ ଉଦାହରଣ ଦେଇଥିଲେ। ଅତିଥିଭାବେ ମୁକୁନ୍ଦ ପାତ୍ର ଡିଗ୍ରୀ କଲେଜର ସଭାପତି ଉତ୍କଳମଣି ଦାସ, ଅବସରପ୍ରାପ୍ତ ପ୍ରାଧାପକ କୈଳାସ ଚନ୍ଦ୍ର ମହାପାତ୍ର, ଏସ୍‌ଆଇ ରଞ୍ଜନ ବେହେରା ଯୋଗଦେଇ କୌଣସି ପରିସ୍ଥିତିରେ ଭୟଭୀତ ନ ହୋଇ ଆତ୍ମବିଶ୍ୱାସର ସହିତ ଶତ୍ରୁକୁ ସାମନା କରିବାକୁ ପ୍ରେରଣା ଦେଇଥିଲେ। ଶିବିରରେ ୧୭୭ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ। ଅଧାପକ ପ୍ରଦୀପ ମିଶ୍ର ପ୍ରଶିକ୍ଷଣ ଶିବିରକୁ ପରିଚାଳନା କରିଥିଲେ। ଜଜ୍ୟୋନା ନନ୍ଦ ଓ ପ୍ରଜ୍ଞାପ୍ରିୟଦର୍ଶିନୀ ଜେନା ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କଲେଜର ଅଧ୍ୟାପିକା ଅଧାପକ ସହଯୋଗ କରିଥିଲେ।

# ବିଏମ୍‌ସିଟି କ୍ରିକେଟ: ଇଶାଣପୁର ଚାମ୍ପିୟନ

ବରୀ,୧୧।୨(ମହେନ୍ଦ୍ର ସ୍ୱାଇଁ): ବରୀ ବ୍ଲକ ଅଧୀନ ଗୋଳକୁଣ୍ଡ ପଞ୍ଚାୟତରେ ଚାଲିଥିବା ବିଏମ୍‌ସିଟି କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପଟଣା କ୍ରିକେଟ ଟିମ୍‌କୁ ହରାଇ ଗୋପବନ୍ଧୁ କ୍ରିକେଟ ଟିମ୍ ଇଶାଣପୁର ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍‌ରେ ଇଶାଣପୁର ଟିମ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୪୩ ରନ ସଂଗ୍ରହ କରିଥିଲା। ପଟଣା କ୍ରିକେଟ ଟିମ୍ ୧୬.୫ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୫୬ ରନ ସଂଗ୍ରହ କରିଥିଲା। ଇଶାଣପୁରର ଶ୍ରୀକାନ୍ତ ଦାସ ସର୍ବାଧିକ ୧୦୭ ରନ କରିଥିବାବେଳେ ପଟଣା କ୍ରିକେଟ ଟିମର ରାଜେଶ ପରେଶ ୫୪ ରନ ସଂଗ୍ରହ କରିଥିଲେ। ଇଶାଣପୁର ଆମର ୪ ଉଇକେଟ ଅକ୍ତିଆର କରିଥିଲେ। ଏହି ଟିମ୍‌ର ଶ୍ରୀକାନ୍ତ ଦାସ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ମୁଖ୍ୟଅତିଥି ଭାବେ ୨୧ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ଅଶୋକ ସାମଲ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଗୋଳକୁଣ୍ଡ ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ଜେନା, ସାମାଜିକ କର୍ମୀ ବସନ୍ତ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।



ଟ୍ରଫି ଗ୍ରହଣ ଅବସରରେ ଅତିଥି ଓ ଖେଳାଳି।

# ପଞ୍ଚାୟତସ୍ତରୀୟ ସଚେତନତା

ପ୍ରୀତିପୁର,୧୧।୨(ସୁଶାନ୍ତ ବେହୁରିଆ): ବିଞ୍ଝାରପୁର ବ୍ଲକ ଅଧୀନ ଉତ୍ତରଙ୍ଗ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀଧର ରାଉତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷା ରଞ୍ଜିତା କୁମାରୀ ଦାସ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଅନ୍ୟତମ ଅତିଥିଭାବେ ଜିଲା ପରିଷଦ ସଭ୍ୟା ଅହଲ୍ୟା ସ୍ୱାଇଁ, ସରପଞ୍ଚ ରୂପଶ୍ରୀ ଜେନା, ସମିତିସଭ୍ୟା ସରସ୍ୱତୀ ସେଠୀ, ପିଇଓ ସୌଭାଗ୍ୟ ରାଉତ ପ୍ରମୁଖ ଯୋଗଦେଇଥିଲେ। ମିଶନଶକ୍ତି ମହିଳାଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପଞ୍ଚାୟତ ବିଜେଡି ସଭାପତି ପ୍ରାଣବନ୍ଧୁ ଶତପଥୀ ଓ ଚୈତନ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଚାଷୀଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର

**ପ୍ରଶିକ୍ଷଣ ନେଲେ ୫୦ରୁ ଊର୍ଦ୍ଧ୍ୱ ଚାଷୀ**

ରସୁଲପୁର,୧୧।୨(ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତରେ ଚାଷୀଙ୍କ ଦକ୍ଷତା ବିକାଶ ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସ୍ମୃତିରେଖା ରାଉତ ମୁଖ୍ୟଅତିଥି ଭାବରେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହ ଶିବିରରୁ ପ୍ରଶିକ୍ଷଣ ନେଇ ଚାଷୀ ନିଜ ନିଜର କାର୍ଯ୍ୟକ୍ଷେତ୍ରରେ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଯାଜପୁର ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ଆନୁକୂଲ୍ୟରେ ରସୁଲପୁର କ୍ଲଷ୍ଟର ଅଧୀନ ବୃହତ ଉଠା ଜଳସେଚନ ଅଞ୍ଚଳରେ ଫସଲ ବିବିଧକରଣ ଯୋଜନାରୁ ଚାଷୀ କିଭଳି ଲାଭବାନ ହୋଇପାରିବେ ସେ ଦିଗରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଶିବିରର ସଞ୍ଚାଳକ ଗଙ୍ଗୋତ୍ରୀ ସୋସିଆଲ ଅର୍ଗାନାଇଜେଶନ୍‌ର ପ୍ରକଳ୍ପ ସଂଯୋଜକ ସୂର୍ଯ୍ୟକାନ୍ତ ସାହୁଙ୍କ ପୌରୋହିତ୍ୟରେ




ପ୍ରଶିକ୍ଷଣ ଶିବିରରେ ସରପଞ୍ଚ ଓ ଅଧିକାରୀ।

ସମ୍ବଳ ଅଧିକାରୀ ଭାବେ ଜିଲା କୃଷି ବିଜ୍ଞାନ କେନ୍ଦ୍ରର ଜିଲା ସମ୍ବଳ ଅଧିକାରୀ(ଡିଏସଟି) ରବୀନ୍ଦ୍ର ଖୁଟୁଆ ଯୋଗଦେଇ ଚାଷୀଙ୍କୁ ଅମଳ ପ୍ରକ୍ରିୟାର ବିଭିନ୍ନ ଦିଗ ସମ୍ପର୍କରେ କହିଥିଲେ। ସୁରକ୍ଷିତ ଅମଳ, ଅମଳ ସମୟରେ ଶସ୍ୟ ନଷ୍ଟ ନ ହେବା, ଫସଲକୁ ଉପଯୁକ୍ତ ସମୟରେ ଅମଳ କରିବା, ଶସ୍ୟକୁ ସଂରକ୍ଷିତ ରଖିବା, ଶସ୍ୟରୁ ଖାଦ୍ୟ ସଂଗ୍ରହ ପ୍ରକ୍ରିୟା ଓ ଉକ୍ତ ଖାଦ୍ୟ ଶସ୍ୟକୁ ଉପଯୁକ୍ତ ମୂଲ୍ୟ ଦେବା ଉପରେ ଗୁରୁତ୍ୱ ଦିଆଯାଇ ପାରିଲେ ଚାଷୀ ଲାଭବାନ ହୋଇପାରିବେ ବୋଲି ସେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ନାଏବ ସରପଞ୍ଚ କେଦାର କୁମାର ଦେଓ ଯୋଗଦେଇଥିଲେ। ଏଠାରେ ଆୟୋଜିତ ଦିନିକିଆ ପ୍ରଶିକ୍ଷଣ ଶିବିରରେ ୫୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ପ୍ରଶିକ୍ଷଣ ପ୍ରଦାନ କରାଯାଉଥିବା ବିଷୟବସ୍ତୁକୁ ନେଇ ଚାଷୀ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ସମ୍ବଳ ଅଧିକାରୀମାନେ ସେମାନଙ୍କ ସନ୍ଦେହ ମୋଚନ କରିବା ସହ ଶିବିରରେ ଆହରଣ କରିଥିବା ଜ୍ଞାନକୌଶଳକୁ କୃଷିକାର୍ଯ୍ୟରେ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ।

# ଯୋଜନା ସଫଳ ଲାଗି ସହଯୋଗ ଲୋଡ଼ିଲେ ବିଧାୟିକା

**ପଞ୍ଚାୟତସ୍ତରୀୟ ସଚେତନତା ଶିବିର**

ବରୀ,୧୧।୨(ମହେନ୍ଦ୍ର ସ୍ୱାଇଁ): ବରୀ ବ୍ଲକ ଅଧୀନ ଅନ୍ୟାସପୁର, ସେରପୁର, ଗମ୍ଭ, ସାହୁପଡ଼ା ଓ ଇସାଣପୁର ଆଦି ପଞ୍ଚାୟତରେ ରବିବାର ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମର ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅନ୍ୟାସପୁର ପଞ୍ଚାୟତରେ ବିଧାୟିକା ସୁନନ୍ଦା ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିସହିତ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ ହୋଇଥିବା ବିଭିନ୍ନ ଜନହିତକର ଯୋଜନାର ସଫଳ ରୂପାୟନ ନିମନ୍ତେ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ଗ୍ରାମାଞ୍ଚଳରେ ଥିବା ବେକାର ଯୁବତୀଯୁବକଙ୍କୁ ଯୋଜନାରେ ସାମିଲକରି ସ୍ୱାବଲମ୍ବୀ କରାଯିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ



ଅନ୍ୟାସପୁର ପଞ୍ଚାୟତରେ ବିଧାୟିକା ସୁନନ୍ଦା ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

ଘୋଡ଼ା ନାଚ ସହିତ ହାଇସ୍କୁଲର ଛାତ୍ରୀମାନେ ଦେଶାତ୍ମବୋଧ ନୃତ୍ୟ, ଓଡ଼ିଶୀ ଓ ସମ୍ବଲପୁରୀ ଆଦି ପରିବେଷଣ କରିଥିଲେ। ସଭାରେ ସ୍ଥାନୀୟ ସରପଞ୍ଚ ସସ୍ମିତା କୁଣ୍ଡୁ, ବାସୁଦେବ ବରାଳ, ପ୍ରାକ୍ତନ ଅଧାପକ ହାଡିବନ୍ଧୁ ସାହୁ, ଇନ୍ଦ୍ରମଣି ମଲିକ, ମାନସ ଜେନା, ପୂର୍ଣ୍ଣଚନ୍ଦ୍ର ନାୟକ ଓ ଅଜୟ ଜେନାଙ୍କ ସମେତ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଜୟ ଜେନା ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପିଇଓ ପୂର୍ଣ୍ଣଚନ୍ଦ୍ର ନାୟକ, ଜିଆର୍‌ଏସ୍ ଅଜୟ ଜେନା, ଦୁର୍ଯ୍ୟୋଧନ ପାତ୍ର, ସ୍ମୃତିରଞ୍ଜନ ସାହୁ, ବିଷ୍ଣୁ ବରାଳ, ଜଗବନ୍ଧୁ ଆରୁଖ ଓ ପ୍ରଫୁଲ୍ଲ ମଲିକ ପ୍ରମୁଖ ସହଯୋଗ କରିଥିଲେ।

ସେହିପରି ସେରପୁର ପଞ୍ଚାୟତ ସଚେତନତା କାର୍ଯ୍ୟକ୍ରମରେ ଶିକ୍ଷାବିତ ଭାଗବତ ଶୁକ୍ଳ ଯୋଗ ଦେଇଥିବାବେଳେ ୨୨ନଂ. ଜୋନ ଜିଲା ପରିଷଦ ସଭ୍ୟ ଦିଲୀପ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ସ୍ଥାନୀୟ ସରପଞ୍ଚ ସସ୍ମିତା ସେଠୀ, ସମିତିସଭ୍ୟ ସନ୍ତୋଷ ସେଠୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପିଇଓ କାର୍ତ୍ତିକ ଚନ୍ଦ୍ର ଘଡ଼େଇ ସଭା ପରିଚାଳନା କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ପ୍ରାକ୍ତନ ସରପଞ୍ଚ ନୃସିଂହ ଚରଣ ସ୍ୱାଇଁ, ଶିକ୍ଷାବିତ୍ ଭାଗବତ ଶୁକ୍ଳ ପ୍ରମୁଖ ଉପସ୍ଥିତ ଥିଲେ। ଗମ୍ଭ ପଞ୍ଚାୟତ ସଚେତନତା କାର୍ଯ୍ୟକ୍ରମରେ ସରପଞ୍ଚ ଜଗଦୀଶ ଦାସ ସଭାପତିତ୍ୱ କରିଥିଲେ। ବରୀ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ ଶିବିରକୁ ଉଦ୍‌ଘାଟନ କରିଥିଲେ। ପ୍ରତାପ ଦାସ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଦିଲୀପ ଦାସ, ମୁଖ୍ୟବକ୍ତା ଭାବେ ମକର ଚନ୍ଦ୍ର ଘଡ଼େଇ ଓ ସମ୍ମାନିତ ଅତିଥି ଭାବେ କବି ସବିତା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟଅତିଥିଙ୍କ ମଧ୍ୟରେ ହେମନ୍ତ ମହାପାତ୍ର, ଅତିରିକ୍ତ ବିଡିଓ ମହେଶ୍ୱର ସେଠୀ, ହେମନ୍ତ ନାୟକ ଓ ଅଙ୍କୁର ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟ ପଞ୍ଚାୟତରେ ମଧ ଏହି ଶିବିର ଅନୁଷ୍ଠିତ ହୋଇଥିଲା।

**ନିଆଁ ଲାଗି ପୋଡ଼ିଗଲା ଘର**

ପଟ୍ଟାମୁଣ୍ଡାଇ, (କଳ୍ପତରୁ ନାୟକ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ବେଲତଳ ଗ୍ରାମର ସୁଦର୍ଶନ ଦାଶଙ୍କ ଘରେ ଶନିବାର ବିଳମ୍ବିତ ରାତିରେ ଆକସ୍ମିକ ଅଗ୍ନିକାଣ୍ଡରେ ଗୋଟିଏ ଚାଳ ଛପର ଘର ସମେତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ପ୍ରାୟ ଲକ୍ଷାଧିକ ଟଙ୍କା ସମ୍ପତି ନଷ୍ଟ ହୋଇଥିବା ଅନୁମାନ କରାଯାଉଛି। ତେବେ କେହି ଦୁର୍ବୃତ୍ତ ଘରେ ନିଆଁ ଲଗାଇ ଦେଇଥିବା ଗୃହ କର୍ତ୍ତା ଦାଶ ସନ୍ଦେହ କରି ପଟ୍ଟାମୁଣ୍ଡାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପଟ୍ଟାମୁଣ୍ଡାଇ ପୋଲିସ ଏହି ମାମଲାର ତଦନ୍ତ ଆରମ୍ଭ କରିଛି।



# ୯ଶହ ଲିଟର ଡିଜେଲ ଜବତ, ୨ ଗିରଫ

ମାର୍ଶାଘାଇ,୧୧।୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଥାନା ପୋଲିସ ପକ୍ଷରୁ ଶନିବାର ରାତିରେ ନିକଟସ୍ଥ ରାମିଆଗଞ୍ଜ ଗ୍ରାମ କଳାପୋଲଠାରେ ଗାଡ଼ି ଯାଞ୍ଚ ଚାଲିଥିବା ବେଳେ ଏକ ଡାଲା ଅଟୋରେ ଚୋରାରେ ଚାଲାଣ ବେଉଥିବା ୯ ଶହ ଲିଟର ଡିଜେଲକୁ ଜବତ କରାଯିବା ସହ ୨ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଡେରାବିଶ ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚୁପାଣ୍ଡବର ବିନୋଦ ମଲ୍ଲିକ, ଘୁଲ ସାହିର ଦାଶରଥୀ ମଳିକ। ସେମାନଙ୍କ ନିକଟରୁ ୧୮ଟି ଜାରରେ ଭର୍ତ୍ତି ହୋଇଥିବା ଡିଜେଲ ସହ ଅଟୋକୁ ଜବତ କରାଯାଇଛି। ଏସ୍‌ଆଇ ପ୍ରତିଲେଖା ଲାଲଙ୍କ ଅଭିଯୋଗ ଆଧାରରେ ଏଏସ୍‌ଆଇ ଲୋଭାବତୀ ସାହୁ ନଂ.୩୯/୨୪ରେ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ରବିବାର କୋର୍ଟ ଚାଲାଣ କରିଛନ୍ତି।



# ବାଲି ବୋଝେଇ ହାଇୱା ଅଟକକୁ ନେଇ ମାରପିଟ

- ରାମନଗର-ବାହାକୁଦ ମୁଖ୍ୟ ବରଜ ବାଲିପାଟ ରାସ୍ତାରୋକୋ
- ଜଣେ ଆହତ, ଥାନାରେ ଲିଖିତ ଅଭିଯୋଗ

ମହାକାଳପଡ଼ା,୧୧।୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)



ମହିଳାମାନଙ୍କ ଦ୍ୱାରା ରାମନଗର-ବାହାକୁଦ ମୁଖ୍ୟ ରାସ୍ତାରୋକୋ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ରାମନଗର ପଞ୍ଚାୟତର ବରଜ ବାଲିପାଟ ଗାଁରେ ରବିବାର ଏକ ବାଲି ବୋଝେଇ ହାଇୱା ଅଟକାଇବାକୁ ନେଇ ମାରପିଟ ହୋଇଛି। ଏହି ଘଟଣାରେ ଗାଁର ପିଙ୍କୁ ସାମଲ (୩୨) ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ରାମନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୁରୁତର ହେବାରୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ବୋଲି ପରିବାର ସୂତ୍ରରୁ ଜଣାପଡ଼ିଛି। ଏହାକୁ ନେଇ ଗାଁର ମହିଳାମାନେ ରାମନଗର-ବାହାକୁଦ ମୁଖ୍ୟ ବରଜ ବାଲିପାଟ ରାସ୍ତାରୋକୋ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଅବରୋଧ ହଟିଛି।

ବରଜ ବାଲିପାଟ ଗାଁ ଦେଇ ପୂର୍ବାହ୍ନରେ ଏକ ବାଲି ବୋଝେଇ ହାଇୱା ବାହାକୁଦ ଯାଉଥିଲା। ଗ୍ରାମର ପିଙ୍କୁ ସାମଲ ଓ କେତେଜଣ ହାଇୱାକୁ ଅଟକାଇ ଖାଲ ସ୍ଥାନରେ ବାଲି ପକାଇବାକୁ କହିଥିଲେ। ତେବେ ଏହି କଥାକୁ ନେଇ ହାଇୱା ଚାଳକଙ୍କ ସହ ଯୁକ୍ତିତର୍କ ହୋଇଥିଲା। ପରେ ଚାଳକଙ୍କଠାରୁ ଖବରପାଇ ସ୍ଥାନୀୟ ରାମନଗର ଗ୍ରାମର ଜଣେ ଯୁବକ ଘଟଣାସ୍ଥଳରେ ପହଞ୍ଚିବା ପରେ ଗାଁର ଏହି ଯୁବକମାନଙ୍କ ସହ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇ ଠେଲାପେଲା ହୋଇଥିଲା। ଏହି ଠେଲାପେଲାରେ ପିଙ୍କୁ ଆହତ ହୋଇଥିଲେ। ଏହି ବିବାଦକୁ ନେଇ ନ୍ୟାୟ ଦାବିରେ ରାମନଗର-ବାହାକୁଦ ମୁଖ୍ୟ ରାସ୍ତାକୁ ଗାଁର ମହିଳାମାନେ ମିଳିତ ହୋଇ କିଛି ସମୟ ପାଇଁ ରାସ୍ତାରୋକୋ କରିଥିଲେ। ଏ ନେଇ ଅପରାହ୍ନରେ ଆହତ ପିଙ୍କୁଙ୍କ ସ୍ତ୍ରୀ କାମିନା ସାମଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଖବରପାଇ କେନ୍ଦ୍ରାପଡ଼ା ଏସ୍‌ଡିପିଓ ଦେବେନ୍ଦ୍ର ମଲିକ, ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ଓ ମହାକାଳପଡ଼ା ଥାନା ଅଧିକାରୀ ବିମଳ କୁମାର ମଲିକ ଓ ଅନ୍ୟ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଏ ସଂକ୍ରାନ୍ତରେ ଆଇଆଇସି ସୁଶାନ୍ତ କୁମାର ସାହୁଙ୍କୁ ପଚାରିବାରେ ଆହତ ପିଙ୍କୁଙ୍କ ସ୍ତ୍ରୀ କାମିନା ଲିଖିତ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ରିପୋର୍ଟ ଲେଖା ହେବା ବେଳକୁ ମାମଲା ପଞ୍ଜୀକୃତ ହୋଇ ନ ଥିବା ଜଣାପଡିଛି।

# ଜଳପଥ ଅଶୃଙ୍ଖଳା: ୬୩ରୁ ୮ କିମି ପୁନରୁଦ୍ଧାର

କେନ୍ଦ୍ରାପଡ଼ା, ୧୧।୨ (ଜଗନ୍ନାଥ ଧଳ)

ଅଶୃଙ୍ଖଳା ଉନ୍ନୟନ ପରିଷଦ ପକ୍ଷରୁ ଜନଜାଗରଣ ସମାବେଶ ମାର୍ଶାଘାଇ ବ୍ଲକ ଅନ୍ତେଇଠାରେ ରବିବାର ଅନୁଷ୍ଠିତ ହେଉଛି। ଅଶୃଙ୍ଖଳାକୁ ଆଦ୍ରଭୂମି ଘୋଷଣା ସହ ଏହାର ପୁନରୁଦ୍ଧାର ପାଇଁ ଜଳ ସମ୍ପଦ ବିଭାଗକୁ ହସ୍ତାନ୍ତର ପାଇଁ ଏହି ସମାବେଶରେ ଦାବି ହୋଇଛି। ୬୩ କି.ମି. ଲମ୍ବର ଜଳପଥ ମଧ୍ୟରୁ ମାତ୍ର ୮ କି.ମି.ର ଉନ୍ନତିକରଣ ହୋଇଛି ବୋଲି ଆଲୋଚକମାନେ ମତ ଦେଇଛନ୍ତି। ପରିଷଦ ସଭାପତି ଡ. ଅମରେନ୍ଦ୍ର ନାଥ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ପରିଷଦ କାର୍ଯ୍ୟକର୍ତ୍ତା ଡା. ଅବଦୁଲ ହଲିମ, ହୃଦୟାନନ୍ଦ ମହାନ୍ତି, ଗଙ୍ଗାଧର ପରିଡା, ଡ. ଶଶିଭୂଷଣ ମହାନ୍ତି, ଶିକ୍ଷାବିତ୍ ନିତ୍ୟାନନ୍ଦ ସାହୁ, ଗଗନ ବିହାରୀ ପୃଷ୍ଟି, ଜୋନ ସଭ୍ୟ ପ୍ରତାପ ମଲ୍ଲିକ, ସାମାଜିକ କର୍ମୀ କୈଳାସ ସାମନ୍ତରାୟ, ଶିକ୍ଷାବିତ୍ ଉମାକାନ୍ତ ନାୟକ, ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେମାନେ କହିଥିଲେ ଯେ, ପୂର୍ବରୁ ଏହି ଜଳପଥ ନଦୀ ଭାବେ କାର୍ଯ୍ୟ କରୁଥିଲା। କଟକ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାର ୨୯ ପଞ୍ଚାୟତର କୃଷିକୁ ଜଳଠାରୁ ଆରମ୍ଭ କରି ସ୍ଥାନୀୟ ଅଞ୍ଚଳବାସୀଙ୍କ ଦୈନନ୍ଦିନ କାର୍ଯ୍ୟରେ ଲାଗୁଥିଲା। ମତ୍ସ୍ୟ ଉତ୍ପାଦନ ପାଇଁ ଏହି ଜଳପଥ ଅଞ୍ଚଳବାସୀଙ୍କ ଆୟର ଉତ୍ସ ପାଲଟିଥିଲା। ମାତ୍ର ଜଳପଥର ଉନ୍ନତିକରଣ ନ ହେବାରୁ ଏହା ପୋତି ହୋଇଯାଇଛି। ନଦୀରୁ ଏହା ଏକ ନାଳରେ ପରିଣତ ହୋଇଛି। ଜଳସେଚନ ଦୂରର କଥା ଏହି ନାଳରେ ଏବେ ବିଲାତି ଦଳ ଯୋଗୁ ପରିବେଶ ନଷ୍ଟ ହେଉଛି। ଏହି ଜଳପଥ ୩ଜିଲାର ଭିତିଭୂମିକୁ ସୁଦୃଢ଼ କରିବାକୁ ଏହାକୁ ଆଦ୍ରଭୂମି ଭାବେ ଘୋଷଣା କରାଯାଇ ଉନ୍ନତିକରଣ କାର୍ଯ୍ୟକୁ ଡ୍ରେନେଜ ବଦଳରେ ଜଳ ସମ୍ପଦ ବିଭାକୁ ହସ୍ତାନ୍ତର କରାଯାଉ ବୋଲି ମତପ୍ରକାଶ ପାଇଥିଲା। ସରପଞ୍ଚ ସଞ୍ଜୟ କୁମାର ସେଠୀ ଏହି ସମାବେଶକୁ ସଂଯୋଜନା କରିଥିଲା। ସାମାଜିକ କର୍ମୀ ଗଙ୍ଗାଧର ସାମଲ, ଅମୀୟ କୁମାର ପତି, ଅଭୟ କୁମାର ଚୌଧୁରୀ, ପ୍ରମୋଦ କୁମାର ମଲ୍ଲ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।




ଜନ ଜାଗରଣ ସମାବେଶରେ ଯୋଗଦେଇଥିବା ଅତିଥିମାନେ।

# ନୃତ୍ୟ, ସଙ୍ଗୀତ ମାଧ୍ୟମରେ ଲୋକଙ୍କୁ ସଚେତନ

ମାର୍ଶାଘାଇ,୧୧।୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

**ତାଳସଙ୍ଗା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ**

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ତାଳସଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ ଯୋଗଦେଇ ରାଜ୍ୟର ସବୁବର୍ଗର ଲୋକମାନଙ୍କ ପାଇଁ ନବୀନ ପଟ୍ଟନାୟକ ଗ୍ରହଣ କରିଥିବା ଲୋକାଭିମୁଖୀ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ସରପଞ୍ଚ ଅଶାନ୍ତି ସ୍ୱାଇଁ, ବ୍ଲକ ଜିପିଇଓ ରମେଶ ଚନ୍ଦ୍ର ଦାସ, ଡିଇଓ ସୌଭାଗ୍ୟ ଦାସ ଉପସ୍ଥିତ ଥିଲେ। ସାଇନାଥ କଳାପରିଷଦ ପକ୍ଷରୁ ଜୟଶ୍ରୀ ପତିଙ୍କ ଦ୍ୱାରା କାର୍ଯ୍ୟକ୍ରମ ସଞ୍ଚାଳନ କରାଯାଇଥିବା ବେଳେ କଳାକାରମାନେ ନୃତ୍ୟ, ସଙ୍ଗୀତ ମାଧ୍ୟମରେ ଲୋକଙ୍କୁ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ସଚେତନ କରିଥିଲେ। ସରପଞ୍ଚ ପ୍ରତିନିଧି ସଞ୍ଜୟ ବେହେରା, ପ୍ରମୋଦ ସାହୁ, ଅଶୋକ ବେହେରା, ସଞ୍ଜୟ ରାଉତ, ବିଦ୍ୟାଧର ଦାସ, ସୁନୀଲ ସାମନ୍ତରାୟ, ହିମାଂଶୁ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରେଖା ପରିଡା ଧନ୍ୟବାଦ ଦେଇଥିଲେ। ସେହିପରି ଗରଜଙ୍ଗା ପଞ୍ଚାୟତର ଆଠବାଟିଆ ଗାଁରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି। ବ୍ଲକ ଅଧ୍ୟକ୍ଷା ସାମଲ, ସମବାୟବିତ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଜିଲା ପରିଷଦ ସଭ୍ୟ ପ୍ରତାପ ମଲ୍ଲିକ, ସରପଞ୍ଚ କାଦମ୍ବିନୀ ଦାସ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

# ସମାଜର ବାସ୍ତବ ଚିତ୍ର ଦେଖାନ୍ତି କଳାକାର




ମହୋତ୍ସବରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

କେନ୍ଦ୍ରାପଡ଼ା, ୧୧।୨(ଜଗନ୍ନାଥ ଧଳ)

**ପାୟେଲ ମ୍ୟୁଜିକ୍‌ର ଗ୍ରାମୀଣ ମହୋତ୍ସବ**

କେନ୍ଦ୍ରାପଡ଼ା ବ୍ଲକ ଇନ୍ଦୁପୁରସ୍ଥ ପାୟେଲ ମ୍ୟୁଜିକ ସ୍କୁଲର ଦୁଇଦିନିଆ ୨୧ତମ ଗ୍ରାମୀଣ ମହୋତ୍ସବ ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ନାଟକ, ନୃତ୍ୟ ଓ ସଙ୍ଗୀତ ଏହି ମହୋତ୍ସବକୁ ସରସ ସୁନ୍ଦର କରିଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଯୋଗ ଦେଇଥିବା ଅତିଥିମାନେ କଳାକାରଙ୍କ ଜୀବନର ସଂଘର୍ଷମୟ କଥା, ସୁସ୍ଥ ସମାଜର ଗଠନ ପାଇଁ କାଳକାରଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସ୍କୁଲ ପରିସରରେ ଅନୁଷ୍ଠିତ ଏହି ମହୋତ୍ସବର ଉଦ୍‌ଘାଟନୀ ସଭାରେ ସଭାପତି ନୀଳମାଧବ ପତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ନୃତ୍ୟଗୁରୁ ଡା. ରାଜେନ୍ଦ୍ର କୁମାର ପଣ୍ଡା, ମୁଖ୍ୟବକ୍ତା ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଭାରତୀ ଜେନା, ନୃତ୍ୟଗୁରୁ ସୁଜାତା ବେହେରା, ସଙ୍ଗୀତ ଗୁରୁ ପ୍ରଶାନ୍ତ କୁମାର ସାମଲ, ଜିଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ସରପଞ୍ଚ ପ୍ରଦୀପ୍ତ ରଞ୍ଜନ ସୂତାର, ସମିତିସଭ୍ୟା ସୁନନ୍ଦା ମଲ୍ଲିକ, ଜୋନ ସଭ୍ୟା ଲିଲିତା ମିଶ୍ର ଯୋଗ ଦେଇଥିଲେ। ସେହିପରି ଉଦ୍‌ଯାପନୀ ସଭାରେ ପ୍ରମୋଦ କୁମାର ପତି ଅଧ୍ୟକ୍ଷତା କରିଥିଲେ। ଏଥିରେ ଶିକ୍ଷାବିତ୍ ଡା. ରବିନାରାୟଣ ପଣ୍ଡା ମୁଖ୍ୟଅତିଥି, ପାଲାଗାୟକ ଜ୍ଞାନପ୍ରିୟ କାନୁନ୍‌ଗୋ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଗାୟକ ସମ୍ରାଟ ଲକ୍ଷ୍ମୀଧର ରାଉତ, ଗୀତିକାର କୁମାର ଲିଟନ ଯୋଗ ଦେଇଥିଲେ।

ଏହି ଅବସରରେ ଅତିଥିମାନେ କହିଥିଲେ ଯେ, ନୃତ୍ୟ ସଙ୍ଗୀତ ଆଦିମ କାଳରୁ ପ୍ରଚଳନ ହୋଇଛି। ସଙ୍ଗୀତର ଝଙ୍କାର ଓମ୍‌ଠାରୁ ଆରମ୍ଭ ହୋଇ ସାମ୍ପ୍ରତିକ ସମୟରେ କଳାକାରଙ୍କ ପଦଧ୍ୱନିରେ ଖୋଜା ଚାଲିଛି। ଏହାର ବ୍ୟାପକତା ସୁସ୍ଥ ସମାଜର ପରିଚୟ ଦେଇଥାଏ। କଳାକାରଙ୍କ କଳାରେ ଅଭିଭୂତ ହେଉଥିବା ଦର୍ଶକଙ୍କ କରତାଳିରେ ସେମାନଙ୍କ ସମସ୍ୟା ସୀମିତ ନୁହେଁ। ପ୍ରୋତ୍ସାହନ ଦ୍ୱାରା ଭାରତର ଏହି ଗରିମାମୟ ଐତିହ୍ୟ ବଞ୍ଚି ରହିବ ବୋଲି ସେମାନେ ପ୍ରକାଶ କରିଥିଲେ। ସମ୍ପାଦକ ଦେବାଶିଷ ସାମଲ ସମ୍ପାଦକୀୟ ଉପସ୍ଥାପନ କରିଥିଲେ। ଦିଲୀପ ଦାସ, ସ୍ୱାଧୀନବାଳା ନାୟକ, ସୌମ୍ୟରଞ୍ଜନ ପାଢ଼ୀ, ସଞ୍ଜୟ କୁମାର ନାୟକ ପ୍ରମୁଖ ମହୋତ୍ସବକୁ ପରିଚାଳନା କରିଥିଲେ।

# ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର କର୍ମକର୍ତ୍ତା ନିର୍ବାଚନ

କେନ୍ଦ୍ରାପଡ଼ା, ୧୧।୨ (ଜଗନ୍ନାଥ ଧଳ)

ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ କେନ୍ଦ୍ରାପଡ଼ା ଜିଲା ଶାଖାର କର୍ମକର୍ତ୍ତା ନିର୍ବାଚନ ଟାଉନ ହଲ୍‌ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଜାନକୀ ବଲ୍ଲଭ ପଣ୍ଡା ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ ସଭାପତି ବିଶ୍ୱବିଜୟୀ ପରିଡା, ଉପସଭାପତି ମନୀଷା ପ୍ରିୟଦର୍ଶନୀ ଷଡଙ୍ଗୀ, ସମ୍ପାଦକ ରଞ୍ଜିତ କୁମାର ସାହୁ, ଯୁଗ୍ମ ସମ୍ପାଦକ ବିଜୟ କୁମାର ଜେନା, ସଙ୍ଗଠନ ସମ୍ପାଦକ ଶକ୍ତିପ୍ରସାଦ ରଥଙ୍କୁ ମନୋନୟନ କରାଯାଇଛି। ଏଥିସହ ସାଂସ୍କୃତିକ ସମ୍ପାଦକ ଭାବେ ଅନନ୍ତ କୁମାର ମହାରଣା, କାର୍ଯ୍ୟାଳୟ ସମ୍ପାଦକ ରାଜଶ୍ରୀ ପ୍ରଧାନ, କୋଷାଧ୍ୟକ୍ଷ ଦୀପକ କୁମାର ଦାସ, ସମୀକ୍ଷକ ଭାବେ ପୁଷ୍ପଲତା ମହାପାତ୍ର ଓ ପବିତ୍ର ବେହେରାଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ଉପଦେଷ୍ଟା ମଣ୍ଡଳୀରେ ହିମାଂଶୁ ଶେଖର ଦାସ, ନଳିନୀକାନ୍ତ ପୃଷ୍ଟି, ବିଜୟାନନ୍ଦ ପଣ୍ଡା, ସୁଧାଂଶୁ ଶେଖର ମହାନ୍ତି, ଓ ଅଭିମନ୍ୟୁ ସେଠୀ ଅଛନ୍ତି।

# ସେମିରେ ପଞ୍ଚୁପାଣ୍ଡବ କ୍ରିକେଟ କ୍ଲବ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

ଡେରାବିଶ, ୧୧।୨(ବେବର୍ତ୍ତା ଅଜୟ ଦାସ)

**ରାଜ୍ୟସ୍ତରୀୟ ଡେରାବିଶ କପ କ୍ରିକେଟ ଟୁର୍ନାମେଣ୍ଟ**

ଡେରାବିଶ ମିନିଷ୍ଟାଡିୟମରେ ରାଜ୍ୟସ୍ତରୀୟ ଡେରାବିଶ କପ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଆରମ୍ଭ ହୋଇଛି। ପାଟକୁରା ବିଧାୟିକାଙ୍କ ପ୍ରତିନିଧି ତଥା ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ ମୁଖ୍ୟ ଅତିଥି ଭାବ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମେ ଟସ ଜିତି ପାରାଦୀପ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭର ମଧ୍ୟରୁ ୨୪.୪ ଓଭରରେ ଅଲଆଉଟ ହୋଇ ୧୮୪ରନ କରିଥିଲା। ଜବାବରେ ପଞ୍ଚୁପାଣ୍ଡବ ଦଳ ନିର୍ଦ୍ଧାରିତ ଓଭର ମଧ୍ୟରେ ୮ ଉଇକେଟ ହରାଇ ୧୮୫ରନ କରି ସେମିଫାଇନାଲକୁ ଉନ୍ନତି ହୋଇଥିଲା। ଖେଳ ପୂର୍ବରୁ ଅନୁଷ୍ଠିତ ହୋଇଥିବା ଉତ୍ସବରେ ଟୁର୍ନାମେଣ୍ଟ ଆୟୋଜକ ଡେରାବିଶ କ୍ରିକେଟ କ୍ଲବର ସଭାପତିରଞ୍ଜନ କୁମାର ସାହୁ ପୌରୋହିତ୍ୟ କରିଥିଲେ। ଏଥିରେ ଅତିଥି ଭାବେ ରାଜ୍ୟ ଯୁବ ବିଜେଡି ସମ୍ପାଦକ ସୁଦୀପ୍ତ କେଶରୀ ସାମଲ, ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ଗୋଲରାହାଟର ସମିତିସଭ୍ୟ କରୁଣାକର କାଣ୍ଡି, ନାରିନେତ୍ରୀ ଅଞ୍ଜୁ ଅଗ୍ରୱାଲ, ପୂର୍ବତନ ସରପଞ୍ଚ ଯୋଗାନନ୍ଦ ମହାନ୍ତି, ବିପିନ ବିହାରୀ ସାହୁ ଓ ତ୍ରିଲୋଚନ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

# ସେମିଫାଇନାଲରେ ଆରସିସି କଟକ

ରାଜନଗର, ୧୧।୨(ଭାସ୍କର ରାଉତରାୟ)

**ନଳିନୀ ମହାନ୍ତି ସ୍ମୃତି କ୍ରିକେଟ ଟୁର୍ନାମେଣ୍ଟ**

ରାଜନଗର ବ୍ଲକ ଫିଙ୍ଗିଦାଣ୍ଡିସ୍ଥିତ ଖେଳ ପଡ଼ିଆରେ ଚାଲିଥିବା ୯ମ ନଳିନୀକାନ୍ତ ମହାନ୍ତି ସ୍ମୃତି କ୍ରିକେଟ ଟୁର୍ନାମେଣ୍ଟର ରବିବାର ୩ୟ କ୍ୱାର୍ଟର ଫାଇନାଲ ଆରସିସି କଟକ ସହ ଏମସିସି ମଦନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଆରସିସି କଟକ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥଲା। ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୫୭ ରନ କରିଥିଲା। ଦଳର ଅଧିନାୟକ ଅଶ୍ୱିନୀ ୩୨ଟି ବଲରେ ୧୦ଟି ଚୌକା, ୫ଟି ଛକା ସହାୟତାରେ ୭୭ ରନ କରିଥିଲେ। ଏମସିସି ମଦନପୁରର ବୋଲର ସାହାଜାଦ୍ ଖାଁ ୪ ଓଭର ବୋଲିଂ କରି ୪୯ ରନ ଦେଇ ୪ ଉଇକେଟ ନେଇଥିଲେ। ଜବାବରେ ଏମସିସି ମଦନପୁର ୧୪ ଓଭରରେ ମସସ୍ତ ଉଇକେଟ ହରାଇ ୫୭ ରନ କରି ପରାଜିତ ହୋଇଥିଲା। ଆରସିସି କଟକର ବୋଲର ସୋନୁ ରାଜପୁତ ୪ ଓଭରରେ ୨୨ ରନରେ ୫ ଉଇକେଟ ନେଇଥିଲେ। ମ୍ୟାଚରେ ଅତିଥି ଭାବେ ସଂସାରଫଳ ପଞ୍ଚାୟତ ସମିତିସଭ୍ୟ ପର୍ଶୁରାମ ବେହେରା, ଯୁବନେତା ବିକ୍ରମ ବାରିକ ଯୋଗଦେଇ ଆରସିସି କଟକର ଅଧିନାୟକ ଅଶ୍ୱିନୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ସୋମବାର ପଞ୍ଚୁପାଣ୍ଡବ ସହିତ ନିମପୁର ଜଗତପୁର ମଧ୍ୟରେ ୪ର୍ଥ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ମ୍ୟାଚରେ ଭାଷ୍ୟକାର ଭାବେ ଅସିତ ତ୍ରିପାଠୀ, ସୁଶାନ୍ତ ବେହେରା, ସୁଧୀର ବେହେରା, ଅମ୍ପାୟର ଭାବେ ଅଞ୍ଜନ ବେହେରା, ତନୁଜ ସାହୁ ପ୍ରମୁଖ ଦାୟିତ୍ୱ ତୁଲାଇ ଥିଲେ।

# ଭାଜପା ଯୁବମୋର୍ଚ୍ଚାର ଗାଁକୁ ଚାଲ ଅଭିଯାନ



ଅଭିଯାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଭାଜପା ନେତାମାନେ।

ରାଜକନିକା,୧୧।୨(ସଞ୍ଜୟ କୁମାର ଦାଶ)

ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ରାଜକନିକା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ରବିବାର ୨୮ ନଂ. ଜୋନରେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଶ୍ରେୟସ ଦାସଙ୍କ ସଂଯୋଜନାରେ ଗାଁକୁ ଚାଲ ଅଭିଯାନ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମର ସଂଯୋଜିକା କୁମାରାଣୀ ଦୁର୍ଗା ଦେବୀ ନେତୃତ୍ୱ ନେଇଥିବା ବେଳେ ଆଳି ଭାଜପାର ବ୍ରଜସୁନ୍ଦର ଭୂୟାଁଙ୍କ ମାର୍ଗଦର୍ଶନରେ ବାଘବୁଡା ପଞ୍ଚାୟତର ୭୬ ଓ ୭୭ ନଂ. ବୁଥ୍‌ରୁ ଗାଁକୁ ଚାଲ ଅଭିଯାନ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୦ ବର୍ଷର ବିକାଶ ଓ ଜନକଲ୍ୟାଣ ଯୋଜନାକୁ ସାଧାରଣ ଲୋକମାନଙ୍କୁ ଅବଗତ କରାଯାଉଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ଯୁବମୋର୍ଚ୍ଚା ଉପସଭାପତି ସନ୍ତୋଷ କର, ୨୮ ନଂ. ଜୋନ ସଭାପତି ରାଜେନ୍ଦ୍ର ବେହେରା, ୨୯ନଂ. ଜୋନ ସଭାପତି ଦିଲୀପ ପରିଡା, ୨୯ ନଂ. ଜୋନ ଭାଜପା କୃଷକ ମୋର୍ଚ୍ଚା ସଭାପତି ସତ୍ୟରଞ୍ଜନ ନାୟକ, ଜିଲା ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଶାରଦା ପ୍ରସନ୍ନ ବିଶ୍ୱାଳ, ଅଞ୍ଚଳ ନାୟକ, ଜିଲା ଭାଜପା ଯୁବମୋର୍ଚ୍ଚା ସଂଯୋଜକ ସୁଜିତ କୁମାର ବେହେରା, ଅନନ୍ତ ନାୟକ, ପ୍ରକାଶ ବାରିକ, ପ୍ରସନ୍ନ କୁମାର ଜେନାଙ୍କ ସମେତ ଯୁବମୋର୍ଚ୍ଚାର ଉପଦେଷ୍ଟା ମଣ୍ଡଳୀର ସଦସ୍ୟମାନେ ଉପସ୍ଥିତ ଥିଲେ।

# କଂଗ୍ରେସ କର୍ମୀ ସମାବେଶ, ମିଶ୍ରଣ ପର୍ବ

ଡେରାବିଶ,୧୧।୨(ବେବର୍ତ୍ତା ଅଜୟ ଦାସ)



ବିଜେଡି ଓ ଭାଜପା ଦଳର କର୍ମୀ କଂଗ୍ରେସରେ ଯୋଗ ଦେବା ଅବସରରେ।

ଡେରାବିଶ ବ୍ଲକ ଅଧୀନ ଲକ୍ଷ୍ମୀନାରାୟଣପୁର ଠାରେ ଶନିବାର କଂଗ୍ରେସ କର୍ମୀ ସମାବେଶ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ପାଟକୁରା ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାରା ଭାରତରେ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବାକୁ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ଯୋଡ଼ ଅଭିଯାନ ଓଡ଼ିଶାର ଜନସାଧାରଣଙ୍କୁ ବିଶେଷ ଉତ୍ସାହିତ କରିଥିବା କହିଥିଲେ। ବିଶେଷକରି କେନ୍ଦ୍ରରେ ଥିବା ଭାଜପା ଓ ରାଜ୍ୟରେ ବିଜେଡି ସରକାରଙ୍କ ଦୁର୍ନୀତିରେ ଗନ୍ତାଘର ପାଲଟଛନ୍ତି। ଓଡ଼ିଶାରେ ଏକ ପ୍ରତିଷ୍ଠିତ ସୁଶାସନ ପାଇଁ କଂଗ୍ରେସ ହିଁ ଏକମାତ୍ର ବିକଳ୍ପ ଦଳ ବୋଲି ରତିକାନ୍ତ କହିଥିଲେ। କଂଗ୍ରେସର ନିତି ଆଦର୍ଶ ପ୍ରତି ଅନୁପ୍ରାଣୀତ ହୋଇ ସାଧାରଣ ଲୋକଙ୍କ ସମର୍ଥନ ବୃଦ୍ଧି ପାଇବାରେ ଲାଗିଛି। ଏଥିରେ କଂଗ୍ରେସ ନେତା ରାଜୀବ ଲୋଚନ ମିଶ୍ର, ଜୟଦେବ ପରିଡ଼ା, ରଞ୍ଜନ କୁମାର ମଲିକ, ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ରଶ୍ମିତା ମହାନ୍ତି, ମମତା କରଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କଂଗ୍ରେସର ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ବିଜେଡି ଓ ଭାଜପା କର୍ମୀ ପ୍ରଭାକର ବେହେରା, ଅନୁସୟା ବେହେରା, ଲକ୍ଷ୍ମୀପ୍ରିୟା ସିଂ, ମମତା ବେହେରାଙ୍କ ନେତୃତ୍ୱରେ କଂଗ୍ରେସ ଦଳରେ ସାମିଲ ହୋଇଥିଲେ। ନବାଗତଙ୍କୁ ମୁଖ୍ୟ ଅତିଥି କାନୁନ୍‌ଗୋ ଦଳୀୟ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ସ୍ୱାସ୍ଥ୍ୟ ସେବା ଶିବିର

ପାଟକୁରା,୧୧।୨(ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ଭଗବାନପୁର ପଞ୍ଚାୟତର ରାଧାରମଣ ଉଚ୍ଚ ବିଦ୍ୟାଳୟରେ ହାଇଟେକ୍ ମେଡିକାଲ୍ ଓ ମୋ ସ୍କୁଲ୍ ସହଯୋଗରେ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସମୀର ସାମଲ, ଜିଲା ପରିଷଦ ସଭ୍ୟ ସତ୍ୟାନନ୍ଦ ରାଉତ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧାକର ପରିଡ଼ା, ଶିକ୍ଷକ ଜୟନ୍ତ ପ୍ରସାଦ ଶତପଥୀ, ସାଗର କୁମାର ଲେଙ୍କା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ପ୍ରସୂତି, ଅସ୍ଥିଶଲ୍ୟ, ଚର୍ମ, ଦାନ୍ତ, ଚକ୍ଷୁ ସମେତ ହାର୍ଟ ବିଭାଗରେ ଡାକ୍ତର ଉପସ୍ଥିତ ରହି ଚିକିତ୍ସା କରିଥିଲେ। ଡା. ସଞ୍ଜୟ ପାତ୍ରଙ୍କ ନେତୃତ୍ୱରେ ଡା. ପୁଣ୍ୟଶ୍ଲୋକ ମହାନ୍ତି, ଡା. ନିଖିଳ ବରଣ ନାୟକ, ଡା. ଅଶୋର୍ଯ୍ୟା ବରାଳ, ଡା. ଦୀପକ ସାମନ୍ତରାୟ ଡା. ଏ. କେ. ତନୟା ପ୍ରମୁଖ ଉପସ୍ଥିତ ରହି ରୋଗୀଙ୍କୁ ଚିକିତ୍ସିତ କରିଥିଲେ। ଏହାକୁ ସୁଲତା ଦାସ, ସୁବ୍ରତ ସ୍ୱାଇଁ, ଅମରେଶ ସାମଲ ପ୍ରମୁଖ ପରିଚାଳନା କରିଥିଲେ।

# ରାଜ୍ୟର ବିକାଶ ପାଇଁ ଯୁବକ, ଛାତ୍ରଙ୍କୁ ଅଧିକ ଗୁରୁତ୍ୱ

ଡେରାବିଶ, ୧୧।୨(ବେବର୍ତ୍ତା ଅଜୟ ଦାସ)

**ଡେରାବିଶ ବ୍ଲକସ୍ତରୀୟ ଯୁବ ଛାତ୍ର, ସାମାଜିକ ଗଣମାଧ୍ୟମ ସମାବେଶ**




ସମାବେଶରେ ଯୋଗ ଦେଇଥିବା ବିଜେଡି ନେତା ଓ କର୍ମୀମାନେ।

ସାଧାରଣ ନିର୍ବାଚନ କେଇମାସ ବାକି ଥିବାବେଳେ ଡେରାବିଶ ବ୍ଲକ ଅଞ୍ଚଳରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ରାଜନୈତିକ ବାତାବରଣ ଉଷ୍ମ ହେବାରେ ଲାଗିଛି। ବିଶେଷକରି ଶାସକ ବିଜେଡି ପକ୍ଷରୁ ସପ୍ତାହେ ହେବ ବିଭିନ୍ନ ପଞ୍ଚାୟତଗୁଡ଼ିକରେ ଦଳୀୟ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି। ରବିବାର ପଲେଇ ପଞ୍ଚାୟତ ଡଗରପଡ଼ିଆଠାରେ ଡେରାବିଶ ବ୍ଲକସ୍ତରୀୟ ଯୁବ ଛାତ୍ର ଓ ସାମାଜିକ ଗଣମାଧ୍ୟମ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଯୁବ ବିଜେଡି ସଭାପତି ଗୋଲଖି ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲାଙ୍କ ପ୍ରତିନିଧି ତଥା ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ବିକାଶ ପାଇଁ ଯୁବକ ଓ ଛାତ୍ରମାନଙ୍କୁ ଅଧିକ ଗୁରୁତ୍ୱ ଦେଉଛନ୍ତି ବୋଲି କହିଥିଲେ। ବିଶେଷକରି ଆମ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ପଞ୍ଚାୟତ ଗୁଡ଼ିକର ସମୃଦ୍ଧି ମୁଖ୍ୟମନ୍ତ୍ରୀଙ୍କ ବୈପ୍ଳବିକ ଚିନ୍ତାଧାରା ବୋଲି ଅଗ୍ରୱାଲ ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ୨୦୨୪ ସାଧାରଣ ନିର୍ବାଚନ ପାଇଁ ସରକାରଙ୍କର ବିଭିନ୍ନ ଯୋଜନା ନିର୍ବାଚନ ପୂର୍ବରୁ କିଭଳି ପ୍ରତ୍ୟେକ ପରିବାରରେ ପହଞ୍ଚିବ ସେ ନେଇ ସମସ୍ତ ଦଳୀୟ କର୍ମୀ, ଯୁବ ଛାତ୍ର ଓ ଦଳର ମିଡ଼ିଆ ସେଲ୍‌ର ଭୂମିକା ଅଧିକ ଗୁରୁତ୍ୱ ବହନ କରୁଥିବା କହିଥିଲେ। ଏହି ସଭାରେ ଜିଲା ରାଜ୍ୟ ଯୁବ ବିଜେଡି ସମ୍ପାଦକ ସୁଦିପ୍ତ କେଶରୀ ସାମଲ, ବିଜେଡି ଉପସଭାପତି ଶ୍ରୀମନ୍ତ ରାଉତରାୟ, ଜିଲା ଛାତ୍ର ବିଜେଡି ଉପସଭାପତି ଅଭିଜିତ ସିଂ, ବ୍ଲକ ବିଜେଡି ମିଡ଼ିଆ ସେଲ୍ ସଭାପତି ପ୍ରଶାନ୍ତ ସାମନ୍ତରାୟ, ବ୍ଲକ ଛାତ୍ର ବିଜେଡି ସଭାପତି ଜ୍ଞାନରଞ୍ଜନ କର, ଯୁବନେତା ଯୋଗାନନ୍ଦ ମହାନ୍ତି, ତ୍ରିଲୋଚନ ରାଉତ, ବୈଷ୍ଣବ ଚରଣ ସାହୁ, ପଲେଇ ସରପଞ୍ଚ ଅକ୍ଷୟ ସାହୁଙ୍କ ସମେତ କର୍ମୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମା’ କୁରେଇଶୁଣୀଙ୍କ ନୂତନ ମନ୍ଦିର ଭୂମିପୂଜା



ରାମଗିରି,୧୧।୨(ବୃନ୍ଦାବନ ଗୌଡ଼)

ଆର୍.ଉଦୟଗିରି ବ୍ଲକ ରାମଗିରି ଗ୍ରାମପଞ୍ଚାୟତ ସ୍ଥିତ ମା’ କୁରେଇଶୁଣୀ ମନ୍ଦିର ପରିସରରେ ଗଜପତି ଜିଲାପାଳ ସ୍ମିତିରଞ୍ଜନ ପ୍ରଧାନଙ୍କ ଦ୍ୱାରା ମା’ଙ୍କ ନୂତନ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜା କରାଯାଇଛି। ସର୍ବପ୍ରଥମେ ରାମଗିରି ଶ୍ରୀ ରାମେଶ୍ୱର ବଣିକ ସଂଘ ତରଫରୁ ଜିଲାପାଳଙ୍କ ସମେତ ଅତିଥିମାନଙ୍କୁ ପୁଷ୍ପମାଲ୍ୟ ସହ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଜିଲାପାଳ ପ୍ରଥମେ ମା’ କୁରେଇଶୁଣୀଙ୍କ ନିକଟରେ ପୂଜାର୍ଚ୍ଚନା କରି ପ୍ରଶାନ୍ତ କୁମାର ଦାସ ଏବଂ ରଞ୍ଜିତ କୁମାର ଦାସଙ୍କ ଦ୍ୱାରା ଭୂମିପୂଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗଜପତି ଜିଲାପାଳ ସ୍ମିତିରଞ୍ଜନ ପ୍ରଧାନଙ୍କ ସହ ବିଜେଡି ଜିଲା ସଭାପତି ଜଗବନ୍ଧୁ ଦାସ, ଓଡ଼ିଶା ସରକାରଙ୍କ ଆଦିବାସୀ ଉନ୍ନୟନ ସମବାୟ ନିଗମ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ଗମାଙ୍ଗ, ଆର୍.ଉଦୟଗିରି ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର, ରାମଗିରି ଗ୍ରାମପଞ୍ଚାୟତ ନାଏବ ସରପଞ୍ଚ ରାଜେନ୍ଦ୍ର କୁମାର ମାଝି, ଜିଲା ପରିଷଦ ସଭ୍ୟ ଦଣ୍ଡପାଣି ବଡ଼ମୁଣ୍ଡି, ପାରଳାଖେମୁଣ୍ଡି ଏସିଇ ନରେନ୍ଦ୍ରନାଥ ମହାରଣା, ଛେଳିଗଡ଼ ଜଳସେଚନ ପ୍ରକଳ୍ପ ଅଧୀକ୍ଷଣ ଯନ୍ତ୍ରୀ ବୀରେନ୍ଦ୍ର କୁମାର ଜଗତ, ଏଇ ସୁଧୀର ପ୍ରଧାନ, ରାମଗିରି ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ପୂର୍ଣ୍ଣଚନ୍ଦ୍ର ରାଉତ ଏବଂ ଏସ୍ଏଚ୍‌ଜିର ସମସ୍ତ ସଦସ୍ୟା ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

### ପଦ୍ମବେଶରେ ଦର୍ଶନ ଦେଲେ ମହାପ୍ରଭୁ

ଜି.ଉଦୟଗିରି,୧୧।୨(ଶିଶିର ପଟ୍ଟନାୟକ)

ପଦ୍ମ ବେଶରେ ରବିବାର ଦର୍ଶନ ଦେଇଛନ୍ତି ମହାପ୍ରଭୁ। ଏଥିପାଇଁ ଜି.ଉଦୟଗିରି ଜଗନ୍ନାଥ ମନ୍ଦିର କମିଟି ତରଫରୁ ସ୍ୱତନ୍ତ୍ର ଆୟୋଜନ କରାଯାଇଥିଲା। ମହାପ୍ରଭୁଙ୍କ ଏହି ଦୁର୍ଲଭ ବେଶ ଦେଖିବାକୁ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ଏଥିରେ କମିଟି ତରଫରୁ ଅଶୋକ କୁମାର ପାତ୍ର, ଅଶ୍ୱିନୀ କୁମାର ପାତ୍ରଙ୍କ ସହିତ ପୂଜକ ଅଚ୍ୟୁତ ପଣ୍ଡା, ଚନ୍ଦ୍ର କାନ୍ତ ପଣ୍ଡା, ମାନସ ପଣ୍ଡା ସହଯୋଗ କରିଥିଲେ।

### ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୧୧।୨ (ଗିରିଧାରୀ ପରିଛା)

ଗଜପତି ଜିଲା କାଶୀନଗର ବ୍ଲକ ଅନ୍ତର୍ଗତ କିଡିଗାଁ ପଞ୍ଚାୟତରେ ବିଜୁ ଜନତା ଦଳ ତରଫରୁ ‘ଘରେ ଘରେ ଶଙ୍ଖ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଶଶିଭୂଷଣ ମହାନ୍ତିଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବ୍ଲକ ଅଧ୍ୟକ୍ଷା ବି.ସାୟାମ୍ମା, ଜୋନ-୧ ଜିଲା ପରିଷଦ ସଭ୍ୟା ଆର. ରାଜଲକ୍ଷ୍ମୀ, ବିଜେଡ଼ି ବ୍ଲକ ସଭାପତି ଅଖିଳ ପାତ୍ର, ଜିଲା ଉପସଭାପତି ଆର.ସତୀଶ ଓ ଦଳର ସମସ୍ତ କର୍ମୀ, ସ୍ଥାନୀୟ ଜନସାଧାରଣଙ୍କ ଉପସ୍ଥିତିରେ ସମସ୍ତ ଘରେ ଶଙ୍ଖ ଚିହ୍ନ ଛପାଯାଇଥିଲା। ଉକ୍ତ ପଞ୍ଚାୟତର କିଡିଗାଁ ଗ୍ରାମରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ପଞ୍ଚାୟତରେ ଥିବା ୭ଟି ଗ୍ରାମରେ ଘରେ ଘରେ ଶଙ୍ଖ ଚିହ୍ନ ଛପାଯିବ ବୋଲି ପର୍ଯ୍ୟବେକ୍ଷକ ମହାନ୍ତି କହିଛନ୍ତି।

### ଉଦ୍ଭିଦ ବିଜ୍ଞାନ ବିଭାଗର ପାଠଚକ୍ର

ଦିଗପହଣ୍ଡି,୧୧।୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ରାମଜୀ ସ୍ନାତକ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଶନିବାର ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ନୀହାର ରଞ୍ଜନ କର ସଭାପତିତ୍ୱ କରିଥିଲେ। କୃଷି କ୍ଷେତ୍ରରେ ଜୈବ ବିଜ୍ଞାନର ଭୂମିକା ଶୀର୍ଷକ ପାଠଚକ୍ରକୁ ବିଭାଗୀୟ ମୁଖ୍ୟ ଅଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା ପରିଚାଳନା କରିଥିବା ବେଳେ ଅଧ୍ୟାପକ ଦେବଦତ୍ତ ପଣ୍ଡା, ପ୍ରାଣୀ ବିଜ୍ଞାନ ବିଭାଗର ଡେମନଷ୍ଟ୍ରେଟର ନୀଲମ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବହୁ ଛାତ୍ରୀଛାତ୍ର ସେମାନଙ୍କ ସ୍ୱଲିଖିତ ସନ୍ଦର୍ଭପାଠ କରିଥିଲେ। ଶେଷବର୍ଷ ଛାତ୍ରୀ ସୋନାଲି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶୁଣିଲାନି ପ୍ରଶାସନ, ରାସ୍ତା ମରାମତି କଲେ ଗ୍ରାମବାସୀ

## ଭୋଟ ବର୍ଜନ ଚେତାବନୀ

ପାରଳାଖେମୁଣ୍ଡି,୧୧।୨ (ଗିରିଧାରୀ ପରିଛା)



ଗ୍ରାମବାସୀ ରାସ୍ତା ମରାମତି କରୁଛନ୍ତି।

ଗଜପତି ଜିଲା ଏକ ଆଦିବାସୀ ଅଧ୍ୟୁଷିତ ଜିଲା। ସ୍ୱାଧୀନତାର ୭୬ବର୍ଷ ପରେ ମଧ୍ୟ ଏଠି ଲୋକଙ୍କ ଗମନାଗମନ ପାଇଁ ଗୋଟିଏ ଭଲ ରାସ୍ତା ନିର୍ମାଣ କରାଯାଇ ପାରିନାହିଁ। ଅନେକଥର ନିଜ ଗାଁ ରାସ୍ତା ସମସ୍ୟା ଗୁମ୍ମା ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କିଛି ଫଳପ୍ରଦ ହୋଇନାହିଁ। ତେଣୁ ନିଜ ଗାଁ ରାସ୍ତା ମରାମତି ପାଇଁ ନିଜେ ଅଣ୍ଟା ଭିଡ଼ିଛନ୍ତି ଗୁମ୍ମା ବ୍ଲକର ଆବାଡ଼ା ଗ୍ରାମବାସୀ। ପ୍ରତିଦିନ ଯାତାୟାତ ପାଇଁ ନିର୍ଭର କରୁଥିବା ପାଦଚଲା ରାସ୍ତାରେ ମାଟି ପକାଇ ଭଲ ରାସ୍ତାଟିଏ ନିର୍ମାଣ କରିଛନ୍ତି ଗ୍ରାମପାସୀ। ପକ୍କାରାସ୍ତା ନିର୍ମାଣ ନ କରାଗଲେ ଆସନ୍ତା ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସରକାର ଆଦିବାସୀଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା କରିବା ସହ କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରୁଛନ୍ତି। ହେଲେ ପ୍ରଶାସନର ଆନ୍ତରିକତା ଅଭାବ ଯୋଗୁଁ ଏହା ସଫଳ ହୋଇପାରୁନଥିବା ଅଭିଯୋଗ କରିଛନ୍ତି ଲୋକେ। ଗୁମ୍ମା ବ୍ଲକର ୧୨ଟି ଗାଁର ଲୋକ ଯେଉଁ ରାସ୍ତା ଉପରେ ନିର୍ଭର କରୁଛନ୍ତି, ବର୍ଷା ହେବା ମାତ୍ରେ ତାହା ଧୋଇଯାଉଛି। ରାସ୍ତା ଖରାପ କାରଣରୁ ଅନେକ ସମୟରେ ଆମ୍ବୁଲାନ୍ସ ପହଞ୍ଚି ପାରୁନାହିଁ। କେବଳ ସେତିକି ନୁହେଁ, ପାହାଡ଼ିଆ ଅଞ୍ଚଳରେ ରାସ୍ତା ଖରାପ କାରଣରୁ ଗମନାଗମନରେ ଅସୁବିଧା ହେବା ସହ ବିଭିନ୍ନ ସମୟରେ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏ ବିଷୟରେ ପ୍ରଶାସନକୁ ଅନେକ ଥର ଲିଖିତ ଭାବେ ଜଣାଇଥିଲେ ମଧ୍ୟ କିଛି ଫଳପ୍ରଦ ହୋଇପାରି ନାହିଁ। ଶେଷରେ ନିଜେ ଅଣ୍ଟା ଭିଡ଼ି ଗାଁ ରାସ୍ତାକୁ ସଜାଡୁଛନ୍ତି ଆବାଡ଼ା ଗ୍ରାମବାସୀ। ଏ ନେଇ ଗୁମ୍ମା ବିଡିଓ ଶରତ କୁମାର ପାତ୍ର କହିଛନ୍ତି ଯେ, ପୂର୍ବରୁ ବ୍ଲକ ପ୍ରଶାସନ ପାଖକୁ ଏ ବିଷୟରେ କୌଣସି ଅଭିଯୋଗ ଆସିନାହିଁ। ତେବେ ଏ ବିଷୟରେ ଜିଲାପାଳଙ୍କୁ ଅବଗତ କରାଇ ଯଥାଶୀଘ୍ର ରାସ୍ତା ନିର୍ମାଣର ବ୍ୟବସ୍ଥା କରାଯିବ।

# ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ

ଫୁଲବାଣୀ,୧୧।୨(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାକୁ ଫାଇଲେରିଆ ମୁକ୍ତ କରିବା ପାଇଁ ଶନିବାର ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତ ଜିଏନ୍‌ଏମ୍ ଟ୍ରେନିଂ କ୍ୟାମ୍ପସରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଉଦ୍‌ଘାଟନ କରିଥିଲେ। ଜିଲାର ଜନସାଧାରଣଙ୍କ ପାଖରେ ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱେଚ୍ଛାସେବୀମାନେ ପହଞ୍ଚି ସାମୂହିକ ଭାବେ ଔଷଧ ସେବନ କରାଇ ପାରିଲେ ଜିଲା ଫାଇଲେରିଆ ମୁକ୍ତ ହୋଇପାରିବ ବୋଲି କହିଥିଲେ। ୧୦ରୁ ୧୫ ବର୍ଷ ଯାଏ ଫାଇଲେରିଆ ଜୀବାଣୁ ଦେହରେ ରହିଥାଏ। ଏହା ସହଜରେ ଜଣାପଡେ ନାହିଁ । ତେଣୁ ପ୍ରତ୍ୟେକ ବ୍ୟକ୍ତି ଏହି ଔଷଧ ଖାଇବା ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ମନୋଜ କୁମାର ଉପାଧ୍ୟାୟ, ଡା.ସ୍ୱାତୀ କୁମାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଭୁତାଣୁ ବାହିତ ରୋଗ ପରାମର୍ଶଦାତା କୁମୁଦ ସାହୁ କାର୍ଯ୍ୟକ୍ରମ ପରିଚାଳାନା କରିଥିଲେ। ସଭା ପୂର୍ବରୁ ଏକ ସଚେତନତା ରଥକୁ ଜିଲାପାଳ ପାଟିଲ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।

# ୧୯୭୨ ବ୍ୟାଚ୍‌ର ବନ୍ଧୁମିଳନ



ପୁରାତନ ଛାତ୍ରମାନଙ୍କ ସହ ସମ୍ବର୍ଦ୍ଧିତ ଶିକ୍ଷକମାନେ।

ପାରଳାଖେମୁଣ୍ଡି,୧୧।୨ (ଗିରିଧାରୀ ପରିଛା)

ସ୍ଥାନୀୟ ମହାରାଜାଙ୍କ ଉଚ୍ଚ ବିଦ୍ୟାଳୟର ୧୯୭୨ ମସିହାରେ ଦଶମ ଶ୍ରେଣୀରୁ ଉନ୍ନୀତ ଛାତ୍ର ମାନଙ୍କ ମଧ୍ୟରେ ଏକ ବନ୍ଧୁମିଳନ ଉତ୍ସବ ରବିବାର ସ୍ଥାନୀୟ ବି.ଏନ. ପେଲେସଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ୟାଚରେ ଯେଉଁମାନଙ୍କ ମୃତ୍ୟୁ ଘଟିଛି ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଦୁଇ ମିନିଟ ନିରବ ପାର୍ଥନା କରାଯାଇଥିଲା। ଏହି ବନ୍ଧୁମିଳନରେ ଭିଡିଓ କନଫରେନ୍ସି ମାଧ୍ୟମରେ ଦେଶ ଓ ବିଦେଶରେ ଥିବା ବନ୍ଧୁମାନେ ଯୋଗଦେଇଥିଲେ। ଶେଷରେ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇ ସେମାନଙ୍କ ଆଶୀର୍ବାଦ ଗ୍ରହଣ କରି ପ୍ରତିବର୍ଷ ଏହି ବନ୍ଧୁମିଳନ ଏବଂ ଗୁରୁଶିଷ୍ୟ ପରମ୍ପରା ଉତ୍ସବ ଆୟୋଜନ କରିବା ପାଇଁ ସଂକଳ୍ପ କରିଥିଲେ।

# ଘର ଖଣ୍ଡେ ନ ମିଳିବାରୁ ଧାରଣାରେ ବସିଲେ ୩ ଅସହାୟ

ମୋହନା,୧୧।୨(ମନ୍ମଥ ମିଶ୍ର)



ବ୍ଲକ ବାରଣ୍ଡାରେ ଧାରଣା।

ମୋହନା ବ୍ଲକ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି ଏକ କରୁଣ ଚିତ୍ର। ଶାରୀରିକ ଅକ୍ଷମତା ସହ ଦାରିଦ୍ର୍ୟ କାରଣ ପରିସ୍ଥିତି ସତ୍ତ୍ୱେ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିଏ ମିଳୁନି। ଯାହାଫଳରେ ବର୍ଷ ବର୍ଷ ଧରି ସରପଞ୍ଚଠାରୁ ବହୁ ବିଭାଗୀୟ ଅଧିକାରୀଙ୍କୁ ନିଜ ଦୁଃଖ ଜଣାଇବା ସତ୍ତ୍ୱେ ବାରମ୍ବାର ଖବର ପ୍ରସାରଣ ହୋଇଥିଲା। ଆବାସ ଯୋଜନା ନ ମିଳିବାରୁ ଶେଷରେ ନିରୁପାୟ ହୋଇ ବ୍ଲକ କାର୍ଯ୍ୟାଳୟ ବାରଣ୍ଡାରେ ଧାରଣାରେ ବସିଛନ୍ତି ଖାରିଗୁଡ଼ା ଗ୍ରାମର ସୁମିତ୍ରା ନାୟକ। ସୁମିତ୍ରା ନାୟକଙ୍କ ସହ ମାନସିକ ଭାରସାମ୍ୟ ହରାଇଥିବା ଝିଅ ଅମ୍ରିତା ନାୟକ ଓ କୋମଳମତି ଶିଶୁ କ୍ରିସ୍ ବଳିଆରସିଂ ଭଙ୍ଗା କୁଡିଆ ଘରେ ରହି ଆସୁଛନ୍ତି। ସରକାରଙ୍କ ତରଫରୁ ଭିନ୍ନକ୍ଷମ ଭତ୍ତା ଟଙ୍କା ମା’ ଓ ଝିଅଙ୍କୁ ମିଳୁଥିବା ବେଳେ କୋମଳମତି ଶିଶୁ ଘରେ ପଡ଼ି ରହିଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିବାରୁ ବାଧ ହୋଇ ବ୍ଲକ ପରିସରରେ ଥିବା ମଣ୍ଡପରେ ତିନିଦିନ ଧରି ପଡ଼ି ରହିଛନ୍ତି। ଆମେ ଏ ନେଇ ମୋହନା ବିଡିଓ ହଳଧର ଶବରଙ୍କୁ ପଚାରି ବୁଝିଥିଲୁ ଅତିଶୀଘ୍ର ରହିବା ପାଇଁ ଘର ଖଣ୍ଡେ ବ୍ୟବସ୍ଥା କରି ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଚିକିଟିରେ ସଚେତନତା ଶିବିର

ଚିକିଟି,୧୧।୨(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ଏନ୍ଏସିର ୧, ୬ ଓ ୧୦ ୱାର୍ଡର ବସ୍ତିବାସିନ୍ଦାକୁ ନେଇ ଏକ ସଚେତନତା ଶିବିର ଚିକିଟିପେଣ୍ଠସ୍ଥିତ ଆଦର୍ଶ କଲୋନୀ ନିକଟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୁଳଦୀପ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ମୁଖ୍ୟ ଅତିଥି ଭାବେ ଏନଏସି ଅଧ୍ୟକ୍ଷା ଦୀପା କୁମାରୀ ସାହୁ ଏବଂ ୩ କାଉନସିଲର ଯୋଗଦେଇ ଜନସାଧାରଣଙ୍କ ପାଇଁ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ଏହି ଅବସରରେ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ଏକ ପୁସ୍ତିକାକୁ ଉନ୍ମୋଚନ କରିଥିଲେ। ୩ଟି ବସ୍ତିରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧୯୪୬ ପରିବାରଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ୩୧୨୬ପରିବାରଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ, ଜାଗାମିଶନ ଅଧୀନରେ ୭୨ ପରିବାରକୁ ଭୂମି ଅଧିକାର ପ୍ରମାଣପତ୍ର ମଞ୍ଜୁର ଏବଂ ୩ ଟି ବସ୍ତିକୁ ବିଜୁ ଆଦର୍ଶ କଲୋନୀରେ ରୂପାନ୍ତରୀକରଣ ,୧୮ଟି ରାସ୍ତାର ରୂପାନ୍ତରୀକରଣ ପାଇଁ ୧ କୋଟି ମଞ୍ଜୁର ଏବଂ ୫ କୋଟି ଟଙ୍କା ବିନିଯୋଗରେ ୨୧୬ ଗୋଟି ପ୍ରକଳ୍ପ କାର୍ଯକାରୀ କରାଯାଇଥିବା ଆଦି ସୂଚନା ଦିଆଯାଇଥିଲା।

# ଗଣ୍ଡାହାତୀରେ ଛାତ୍ରୀଛାତ୍ରଙ୍କ ପ୍ରକୃତି ଶିବିର




ଆର.ଉଦୟଗିରି, ୧୧।୨ (ମନୋଜ କୁମାର ପାଢୀ)

କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟର ୫୦ଜଣ ଛାତ୍ରୀଛାତ୍ର ପ୍ରଧାନଶିକ୍ଷକ ଲୋକନାଥ ନାହାକ ଓ ଇକୋ କ୍ଲବ ମାଷ୍ଟର ଟ୍ରେନେର ସୁବାସ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ରବିବାର ପର୍ଯ୍ୟଟନସ୍ଥଳ ଗଣ୍ଡାହାତିଠାରେ ଏକ ପ୍ରକୃତି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମହେନ୍ଦ୍ର ବନାଞ୍ଚଳ ରେଞ୍ଜ ଅଫିସର ଅମିତ ଶୁଭଜିତ ମୁଖ୍ୟ ଅତିଥି ଭାବେ ଓ ଜାତୀୟ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ଚନ୍ଦ୍ର ଜେନା, ତ୍ରିପତି ପ୍ରସାଦ ପଣ୍ଡା, ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ କୁମାର ମହାନ୍ତି, ସୁବାସ ଚନ୍ଦ୍ର ସାହୁ, ଫରେଷ୍ଟର ଅଶୋକ ଜେନା, ବନରକ୍ଷୀ କାଳୀପ୍ରସାଦ ଶବର, ରାଧାକୃଷ୍ଣ ପଣ୍ଡା, ଏସ. ରାମାରାଓ, ଟି ଗଙ୍ଗାଧର ପାତ୍ର ଯୋଗଦେଇଥିଲେ। ପ୍ଲାଷ୍ଟିକ ବର୍ଜନ, ପ୍ରକୃତି ସଂରକ୍ଷଣ,ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ ବିଷୟରେ ସଚେତନ କରାଯାଇଥିଲା। ପର୍ଯ୍ୟଟକମାନଙ୍କୁ ଛାତ୍ରୀଛାତ୍ରମାନେ ପ୍ରକୃତି ସଂରକ୍ଷଣ ଉପରେ ସଚେତନ କରିଥିଲେ। ସାଧାରଣ ଜ୍ଞାନ ପରୀକ୍ଷାରେ ଅର୍ଣ୍ଣପୂର୍ଣ୍ଣା ସାହୁ ପ୍ରଥମ, ବାବୁଲା ପାଇକ ଦ୍ୱିତୀୟ, ମୁରଲୀଧର ପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଚିତ୍ରାଙ୍କନରେ ଭଗବାନ ମଣ୍ଡଳ ପ୍ରଥମ, ଗୋଲକ ରଇତ ଦ୍ୱିତୀୟ, ପ୍ରଦୀପ ଶବର ତୃତୀୟ ସ୍ଥାନ ଅଧିକାର କରିଥିଲେ। ହିନ୍ଦୀ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ଲୋକନାଥ ନାହାକ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଏସ୍‌ଏଚ୍‌ଜିକୁ କୃଷି ଯନ୍ତ୍ରପାତି ବଣ୍ଟନ

ଫିରିଙ୍ଗିଆ,୧୧।୨(ବିକ୍ରମ ଦିଗାଲ)



ଫୁଲବାଣୀ ଆଦିବାସୀ ଉନ୍ନୟନ ସଂସ୍ଥା ଆଇଟିଡିଏ ତରଫରୁ ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ଗ୍ରାମପଞ୍ଚାୟତ କୁଡୁକି ଗାଁରେ ଥିବା ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ବିଭାଗ ତରଫରୁ ଏକ ପାୱାରଟିଲର ଯୋଗାଇ ଦିଆଯାଇଛି। ଜୀବିକା ବିଶେଷଜ୍ଞ ପ୍ରଦୀପ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି କୃଷି ଯନ୍ତ୍ର ପାୱାରଟିଲର ବଣ୍ଟନ କାର୍ଯ୍ୟକ୍ରମରେ ଆଦିବାସୀ ଉନ୍ନୟନ ବିଭାଗର ପ୍ରକଳ୍ପ ପ୍ରଶାସକ ପ୍ରବୀଣ କୁମାର ବାଣ୍ଡୁଆଁ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ସରପଞ୍ଚ ରଂଜିତା କହଁର, ବିଭାଗର ପ୍ରୋଜେକ୍ଟ ମ୍ୟାନେଜର ପି ମୁରଲୀ ମୋହନଙ୍କ ସହ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। କୁଡୁକି ଗାଁରେ ଥିବା ଧରିତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ଏହି ପାୱାରଟିଲର ଯୋଗାଇ ଦିଆଯାଇଛି।

# ଜିଲା ଇ-ପାଠାଗାର ପ୍ରତିଷ୍ଠା ଦିବସ

ଫୁଲବାଣୀ,୧୧।୨(ରାକେଶ କୁମାର ରାଉତ)

ଜିଲା ଇ-ପାଠାଗାରର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ପ୍ରବୀଣ କୁମାର ବଣୁଆ, ଓଡ଼ିଆ ଅଧ୍ୟାପିକା ଜ୍ୟୋତିର୍ମୟୀ କହଁର, ଆଇନଜୀବୀ ବିଜୟକୃଷ୍ଣ ପଟ୍ଟନାୟକ, ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁବାସ ଚନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗଦେଇ ଜିଲାରେ ଏପରି ଅଭିନବ ପ୍ରୟାସକୁ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ଅଧିକ ସଂଖ୍ୟାରେ ଯୁବଗୋଷ୍ଠୀ କିପରି ଏଥିରେ ଯୋଡ଼ି ହୋଇ ପାରିବେ ତାହା ଉପରେ ଆଲୋଚନା କରିଥିଲେ। ସେହିପରି ସୋସିଆଲ ମିଡିଆର ବିଭିନ୍ନ ଦିଗକୁ ଆଲୋଚନା କରିବା ସହ ବହି ପଢ଼ିବାର ଆଗ୍ରହ ଓ ପାଠାଗାର ଏଥିରେ କିପରି ଗୁରୁ ଦାୟିତ୍ୱ ତୁଲାଇ ପାରିବ ସେ ଦିଗରେ କହିଥିଲେ। ଜିଲାର ଆଦିମ ସଂସ୍କୃତି, ଜ୍ଞାନକୌଶଳ କୁ ଇ- ପାଠାଗାରରେ ସଂଗୃହୀତ ରଖିବା ଓ ଏକ ସ୍ମରଣିକା ଆଗାମୀ ଦିନରେ ପ୍ରକାଶ ପାଇବା, ଲାଇବ୍ରେରୀରେ ପଠନ ଅଭ୍ୟାସର ଆବଶ୍ୟକତା ଉପରେ ମଧ୍ୟ ଆଲୋଚନା କରିଥିଲେ । ଏହି ଲାଇବ୍ରେରୀରେ ପଢ଼ି ବର୍ତ୍ତମାନ ସୁଦ୍ଧା ୧୦୩ ଜଣ ସଦସ୍ୟ ସରକାରୀ ଚାକିରିରେ ସଫଳତା ଲାଭ କରିଛନ୍ତି, ୮୯୪ ଜଣ ବର୍ତ୍ତମାନ ସୁଦ୍ଧା ସଦସ୍ୟ ଅଛନ୍ତି। ଦୈନିକ ୧୨୦ରୁ ଉର୍ଦ୍ଧ୍ୱ ପାଠିକାପାଠକ ଆସୁଛନ୍ତି। ୧୨ ଜଣ ବଦାନ୍ୟ ବ୍ୟକ୍ତି ୨୦୦ରୁ ଉର୍ଦ୍ଧ୍ୱ ଉପାଦେୟ ପୁସ୍ତକ ଦାନ କରିଛନ୍ତି। ୬ଟି ଦେଶର ଲାଇବ୍ରେରୀ ସହ ଏହାକୁ ସଂଯୋଗ ରଖାଯାଇଛି। ନିୟମିତ କ୍ୟାରିୟର କାଉନସେଲିଂ ସାଙ୍ଗକୁ ଲାଇବ୍ରେରୀ ସଦସ୍ୟଙ୍କୁ କିପରି ସହଜରେ ଚାକିରି ଓ କମ୍ପିଟେଟିଭ ପରୀକ୍ଷା ସୂଚନା ସୁବିଧାରେ ପହଞ୍ଚା ଯାଉଛି ତାହା ଉପରେ କୁହାଯାଇଥିଲା। ସହକାରୀ ଲାଇବ୍ରେରିଆନ୍ ପ୍ରଭାତ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା ଓ ଲାଇବ୍ରେରିଆନ୍ ଶିବ ସୁନ୍ଦର ସାହୁ ଧନ୍ୟବାଦ୍ ଦେଇଥିଲେ।

# ଭାଜପାର ଶକ୍ତି ସମ୍ବାଦ ଓ ସମ୍ପର୍କ ଅଭିଯାନ

ମୋହନା,୧୧।୨(ମନ୍ମଥ ମିଶ୍ର)

ମୋହନାରେ ଭାଜପା ପକ୍ଷରୁ ଶକ୍ତି ସମ୍ବାଦ ଓ ସମ୍ପର୍କ ଅଭିଯାନ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ଶିବ ମନ୍ଦିରରେ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅରୁଣିମା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଭିଯାନରେ ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ତଥା ବ୍ରହ୍ମପୁର ଲୋକ ସଭା ସଂଯୋଜିକା ବବିତା ପାତ୍ର ଯୋଗଦେଇ ଏହି ଅଭିଯାନ ସମ୍ପର୍କରେ କହିଥିଲେ। ଏହାପରେ ଜିଲା ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ଓବିସି ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ବରିଷ୍ଠ ନେତା ପ୍ରଶାନ୍ତ ମଳିକ, ଜିଲା ସାଧାରଣ ସମ୍ପାଦକ କାମଦେବ ବଡନାୟକ, ଜିଲା ପରିଷଦ ସଭ୍ୟ ଦଣ୍ଡପାଣି ବଡମୁଣ୍ଡି, ବରିଷ୍ଠ ନେତା ବଳରାମ ଭୂୟାଁ, ନିର୍ବାଚନମଣ୍ଡଳୀ ବିସ୍ତାରକ ଆଦିତ୍ୟ କହଁର, ସୁଧୀର ପାଇକ, ମନୋଜ ସାହୁ, ମହିଳା ନେତ୍ରୀ ବନ୍ଦନା ବଡମୁଣ୍ଡି ଓ କୁନି ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ମଡର୍ନ ଅକ୍ସଫୋର୍ଡ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ବ୍ରହ୍ମପୁର,୧୧।୨(ତନୁଶ୍ରୀ ନାହାକ)

ବ୍ରହ୍ମପୁର ମଡର୍ନ ଅକ୍ସଫୋର୍ଡ ପବ୍ଲିକ ସ୍କୁଲର ଷୋଡଶ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲର ସଭାପତି ଡ଼ା.ପ୍ରମୋଦ ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଝାଡଖଣ୍ଡ ହାଇକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଜଷ୍ଟିସ ସଞ୍ଜୟ କୁମାର ମିଶ୍ର ଯୋଗଦେଇ ସାରା ଓଡ଼ିଶାର ଏକମାତ୍ର ଉକ୍ତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଛତ୍ରୀଛାତ୍ରମାନଙ୍କୁ ଭାରତୀୟ ସଂସ୍କୃତି, ଆଧ୍ୟାତ୍ମିକ ପରମ୍ପରା ଆଧାରରେ ଶିକ୍ଷା ପ୍ରଦାନ କରାଯାଉଥିବାର ଦେଖି ପ୍ରଶଂସା କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଡ଼ା.ସନ୍ଧ୍ୟାରାଣୀ ଦାସ ଯୋଗଦେଇଥିଲେ। ଶେଷରେ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଶାସକ ରବି ପ୍ରସାଦ ସାହୁକାର, ରମାକାନ୍ତ ରଥ, ରଶ୍ମି ରଞ୍ଜନ ସାହୁ, ପ୍ରଶାନ୍ତ ଚନ୍ଦ୍ର ମାଥନ,ସରୋଜ କୁମାର ଆଚାର୍ଯ୍ୟ, ସ୍କୁଲ କର୍ମଚାରୀ ଚିନ୍ମୟ ସାମନ୍ତରାୟଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

# ସୁମଣ୍ଡଳ ସତ୍‌ସଙ୍ଗ ବିହାରର ବାର୍ଷିକୋତ୍ସବ



କୋଦଳା,୧୧।୨(ଅମିତ କୁମାର ପଟ୍ଟନାୟକ)

ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ସୁମଣ୍ଡଳ ସ୍ଥିତ ସତ୍‌ସଙ୍ଗ ବିହାର ପରିସରରେ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୬ତମ ଜନ୍ମମହୋତ୍ସବ ତଥା ସୁମଣ୍ଡଳ ସତ୍‌ସଙ୍ଗ ବିହାରର ପ୍ରତିଷ୍ଠାତା ଓ ପରମ ପୂଜ୍ୟପାଦ ଶ୍ରୀ ଶ୍ରୀ ଆଚାର୍ଯ୍ୟ ଦେବଙ୍କ ୮ମ ବାର୍ଷିକୀ ଶୁଭ ଆଗମନୀ ସ୍ମୃତି ମହୋତ୍ସବ ମହାଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଅନୁଷ୍ଠାନର କାର୍ଯ୍ୟସୂଚୀ ଅନୁଯାୟୀ ବ୍ରାହ୍ମମୁହୂର୍ତ୍ତରେ ବେଦ ମାଙ୍ଗଳିକ ଓ ନହବତ, ପ୍ରତ୍ୟୁଷରେ ଉଷା କୀର୍ତ୍ତନ, ପ୍ରାତଃ ବିନତି ପ୍ରାର୍ଥନା, ନଗର ସଙ୍କୀର୍ତ୍ତନ, ସଙ୍ଗୀତାଞ୍ଜଳି, ମାତୃ ସମ୍ମିଳନୀ, ସନ୍ଧ୍ୟା ବିନତି ପ୍ରାର୍ଥନା, ପ୍ରସାଦସେବନ, ଭଜନ କୀର୍ତ୍ତନ, ସତ୍‌ସଙ୍ଗ ସଦା ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସତସଙ୍ଗ ସଦା ଆଲୋଚନା କାର୍ଯ୍ୟକ୍ରମରେ ରିଟିକ୍ ଡ. ହିମାଂଶୁ ଚୌଧୁରୀ ଯୋଗଦେଇଥିଲେ।

# ‘ରାଜବନ୍ଦୀ’ ଉନ୍ମୋଚିତ

ବ୍ରହ୍ମପୁର,୧୧।୨(ସ୍ମୃତି ରଞ୍ଜନ ମାଳିକ)

କବି ଭଗବାନ ମିଶ୍ରଙ୍କ ରଚିତ ‘ରାଜବନ୍ଦୀ’ର ଉନ୍ମୋଚନ ଶକ୍ତି ନଗରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିଲାଗି ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ କବି ସୁଶାନ୍ତ ଦାଶ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଆଇନଜୀବୀ ଏସ ରାମ କୁମାର ଦାସ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଶିଶୁ ଗୌରବ କବି ନିରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଥିଲେ। ବିଶିଷ୍ଟ ସଂସ୍କୃତି ଗବେଷକ ଡ ବଂଶୀଧର ସେଠୀ ମୁଖ୍ୟବକ୍ତା ରୂପେ ଯୋଗଦେଇ ‘ରାଜବନ୍ଦୀ’ ଆମ ସନାତନ ଧର୍ମର ମୁଖ୍ୟ ବାର୍ତ୍ତାବହ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ରୂପେ ଆଇନଜୀବୀ ଉମାକାନ୍ତ ମହାପାତ୍ର ଓ ସାହିତ୍ୟିକ ସୀମାଞ୍ଚଳ ମହାପାତ୍ର, ଲୋକନାଥ ମିଶ୍ର, ଲିଙ୍ଗରାଜ ମିଶ୍ର, ଅର୍ଚ୍ଚନା ମିଶ୍ର, ରାଜ ଲକ୍ଷ୍ମୀ ମିଶ୍ର ଓ ଗୀତାଞ୍ଜଳି ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ହାତଗଣତି ଲୋକଙ୍କୁ ନେଇ ସଚେତନତା

ପାରଳାଖେମୁଣ୍ଡି, ୧୧।୨ (ଗିରିଧାରୀ ପରିଛା)



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ଗଜପତି ଜିଲା ରାୟଗଡ଼ ବ୍ଲକ ସଦର ମହକୁମାଠାରେ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୁଷମା ଶବରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ ଯୋଗଦେଇ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଜ୍ୟୋତିପ୍ରସାଦ ପାଣି, ବିଡିଓ ସୁଧୀର କୁମାର ସିଂ, ସମିତି ସଭ୍ୟା ଗୋଲରୁ ଶୋଭାରାଣୀ, ଜିପିଓ ସେନାପତି ଶବର ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଲୋକଲୋଚନକୁ ଆଣିବା ପାଇଁ ଏହିଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ବେଳେ ରାୟଗଡ଼ ପଞ୍ଚାୟରେ ଏହାର ବ୍ୟତିକ୍ରମ ଦେଖାଦେଇଛି । ଦୀର୍ଘସମୟ ପର୍ଯ୍ୟନ୍ତ ଲୋକେ ନ ଆସିବାରୁ କିଛି ହାତଗଣତି ଲୋକଙ୍କୁ ନେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଚୌକି ଖାଲି, ଲୋକ କେହି ନାହାନ୍ତି ବୋଲି କ୍ଷୋଭ ପ୍ରକାଶ କରିଥିଲେ ଅଧ୍ୟକ୍ଷା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଶିକ୍ଷକ ସତ୍ୟବାନ ଭୂୟାଁଙ୍କୁ ସମ୍ମାନିତ କରାଯାଇଥିଲା ।

# ୯ଶହ ଲିଟର ଡିଜେଲ ଜବତ, ୨ ଗିରଫ



ମାର୍ଶାଘାଇ,୧୧।୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଥାନା ପୋଲିସ ପକ୍ଷରୁ ଶନିବାର ରାତିରେ ନିକଟସ୍ଥ ରାମିଆଗଞ୍ଜ ଗ୍ରାମ କଳାପୋଲଠାରେ ଗାଡ଼ି ଯାଞ୍ଚ ଚାଲିଥିବା ବେଳେ ଏକ ଡାଲା ଅଟୋରେ ଚୋରାରେ ଚାଲାଣ ହେଉଥିବା ୯ ଶହ ଲିଟର ଡିଜେଲକୁ ଜବତ କରାଯିବା ସହ ୨ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଡେରାବିଶ ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚୁପାଣ୍ଡବର ବିନୋଦ ମଲ୍ଲିକ, ନୁଲ ସାହିର ଦାଶରଥୀ ମଳିକ। ସେମାନଙ୍କ ନିକଟରୁ ୧୮ଟି ଜାରରେ ଭର୍ତ୍ତି ହୋଇଥିବା ଡିଜେଲ ସହ ଅଟୋକୁ ଜବତ କରାଯାଇଛି। ଏସ୍‌ଆଇ ପ୍ରତିଲେଖା ଲାଲଙ୍କ ଅଭିଯୋଗ ଆଧାରରେ ଏଏସ୍‌ଆଇ ଲୋଭାବତୀ ସାହୁ ନଂ.୩୯/୨୪ରେ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ରବିବାର କୋର୍ଟ ଚାଲାଣ କରିଛନ୍ତି।

# ବାଲି ବୋଝେଇ ହାଇୱା ଅଟକକୁ ନେଇ ମାରପିଟ

- ରାମନଗର-ବାହାକୁଦ ମୁଖ୍ୟ ବରଜ ବାଲିପାଟ ରାସ୍ତାରୋକୋ
- ଜଣେ ଆହତ, ଥାନାରେ ଲିଖିତ ଅଭିଯୋଗ

ମହାକାଳପଡ଼ା,୧୧।୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)



ମହିଳାମାନଙ୍କ ଦ୍ୱାରା ରାମନଗର-ବାହାକୁଦ ମୁଖ୍ୟ ରାସ୍ତାରୋକୋ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ରାମନଗର ପଞ୍ଚାୟତର ବରଜ ବାଲିପାଟ ଗାଁରେ ରବିବାର ଏକ ବାଲି ବୋଝେଇ ହାଇୱା ଅଟକାଇବାକୁ ନେଇ ମାରପିଟ ହୋଇଛି। ଏହି ଘଟଣାରେ ଗାଁର ପିଙ୍କୁ ସାମଲ (୩୨) ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ରାମନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୁରୁତର ହେବାରୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ବୋଲି ପରିବାର ସୂତ୍ରରୁ ଜଣାପଡ଼ିଛି। ଏହାକୁ ନେଇ ଗାଁର ମହିଳାମାନେ ରାମନଗର-ବାହାକୁଦ ମୁଖ୍ୟ ବରଜ ବାଲିପାଟ ରାସ୍ତାରୋକୋ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଅବରୋଧ ହଟିଛି।

ବରଜ ବାଲିପାଟ ଗାଁ ଦେଇ ପୂର୍ବାହ୍ନରେ ଏକ ବାଲି ବୋଝେଇ ହାଇୱା ବାହାକୁଦ ଯାଉଥିଲା। ଗ୍ରାମର ପିଙ୍କୁ ସାମଲ ଓ କେତେଜଣ ହାଇୱାକୁ ଅଟକାଇ ଖାଲ ସ୍ଥାନରେ ବାଲି ପକାଇବାକୁ କହିଥିଲେ। ତେବେ ଏହି କଥାକୁ ନେଇ ହାଇୱା ଚାଳକଙ୍କ ସହ ଯୁକ୍ତିତର୍କ ହୋଇଥିଲା। ପରେ ଚାଳକଙ୍କଠାରୁ ଖବରପାଇ ସ୍ଥାନୀୟ ରାମନଗର ଗ୍ରାମର ଜଣେ ଯୁବକ ଘଟଣାସ୍ଥଳରେ ପହଞ୍ଚିବା ପରେ ଗାଁର ଏହି ଯୁବକମାନଙ୍କ ସହ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇ ଠେଲାପେଲା ହୋଇଥିଲା। ଏହି ଠେଲାପେଲାରେ ପିଙ୍କୁ ଆହତ ହୋଇଥିଲେ। ଏହି ବିବାଦକୁ ନେଇ ନ୍ୟାୟ ଦାବିରେ ରାମନଗର-ବାହାକୁଦ ମୁଖ୍ୟ ରାସ୍ତାକୁ ଗାଁର ମହିଳାମାନେ ମିଳିତ ହୋଇ କିଛି ସମୟ ପାଇଁ ରାସ୍ତାରୋକୋ କରିଥିଲେ। ଏ ନେଇ ଅପରାହ୍ନରେ ଆହତ ପିଙ୍କୁଙ୍କ ସ୍ତ୍ରୀ କାମିନା ସାମଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଖବରପାଇ କେନ୍ଦ୍ରାପଡ଼ା ଏସ୍‌ଡିପିଓ ଦେବେନ୍ଦ୍ର ମଳିକ, ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ଓ ମହାକାଳପଡ଼ା ଥାନା ଅଧିକାରୀ ବିମଳ କୁମାର ମଳିକ ଓ ଅନ୍ୟ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଏ ସଂକ୍ରାନ୍ତରେ ଆଇଆଇସି ସୁଶାନ୍ତ କୁମାର ସାହୁଙ୍କୁ ପଚାରିବାରେ ଆହତ ପିଙ୍କୁଙ୍କ ସ୍ତ୍ରୀ କାମିନା ଲିଖିତ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ରିପୋର୍ଟ ଲେଖା ହେବା ବେଳକୁ ମାମଲା ପଞ୍ଜୀକୃତ ହୋଇ ନ ଥିବା ଜଣାପଡ଼ିଛି।

# ଜଳପଥ ଅଶ୍ରୁଙ୍ଖଳା: ୬୩ରୁ ୮ କିମି ପୁନରୁଦ୍ଧାର

କେନ୍ଦ୍ରାପଡ଼ା, ୧୧।୨ (ଜଗନ୍ନାଥ ଧଳ)

ଅଶୃଙ୍ଖଳା ଉନ୍ନୟନ ପରିଷଦ ପକ୍ଷରୁ ଜନଜାଗରଣ ସମାବେଶ ମାର୍ଶାଘାଇ ବ୍ଲକ ଅନ୍ତେଇଠାରେ ରବିବାର ଅନୁଷ୍ଠିତ ହେଉଛି। ଅଶୃଙ୍ଖଳାକୁ ଆଦ୍ରଭୂମି ଘୋଷଣା ସହ ଏହାର ପୁନରୁଦ୍ଧାର ପାଇଁ ଜଳ ସମ୍ପଦ ବିଭାଗକୁ ହସ୍ତାନ୍ତର ପାଇଁ ଏହି ସମାବେଶରେ ଦାବି ହୋଇଛି। ୬୩ କି.ମି. ଲମ୍ବର ଜଳପଥ ମଧ୍ୟରୁ ମାତ୍ର ୮ କି.ମି.ର ଉନ୍ନତିକରଣ ହୋଇଛି ବୋଲି ଆଲୋଚକମାନେ ମତ ଦେଇଛନ୍ତି। ପରିଷଦ ସଭାପତି ଡ. ଅମରେନ୍ଦ୍ର ନାଥ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ପରିଷଦ କାର୍ଯ୍ୟକର୍ତ୍ତା ଡା. ଅବଦୁଲ ହଲିମ, ହୃଦୟାନନ୍ଦ ମହାନ୍ତି, ଗଙ୍ଗାଧର ପରିଡ଼ା, ଡ. ଶଶିଭୂଷଣ ମହାନ୍ତି, ଶିକ୍ଷାବିତ୍ ନିତ୍ୟାନନ୍ଦ ସାହୁ, ଗଗନ ବିହାରୀ ପୃଷ୍ଟି, ଜୋନ ସଭ୍ୟ ପ୍ରତାପ ମଲ୍ଲିକ, ସାମାଜିକ କର୍ମୀ କୈଳାସ ସାମନ୍ତରାୟ, ଶିକ୍ଷାବିତ୍ ଉମାକାନ୍ତ ନାୟକ, ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେମାନେ କହିଥିଲେ ଯେ, ପୂର୍ବରୁ ଏହି ଜଳପଥ ନଦୀ ଭାବେ କାର୍ଯ୍ୟ କରୁଥିଲା। କଟକ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାର ୨୯ ପଞ୍ଚାୟତର କୃଷିକୁ ଜଳଠାରୁ ଆରମ୍ଭ କରି ସ୍ଥାନୀୟ ଅଞ୍ଚଳବାସୀଙ୍କ ଦୈନନ୍ଦିନ କାର୍ଯ୍ୟରେ ଲାଗୁଥିଲା। ମତ୍ସ୍ୟ ଉତ୍ପାଦନ ପାଇଁ ଏହି ଜଳପଥ ଅଞ୍ଚଳବାସୀଙ୍କ ଆୟର ଉତ୍ସ ପାଲଟିଥିଲା। ମାତ୍ର ଜଳପଥର ଉନ୍ନତିକରଣ ନ ହେବାରୁ ଏହା ପୋତି ହୋଇଯାଇଛି। ନଦୀରୁ ଏହା ଏକ ନାଳରେ ପରିଣତ ହୋଇଛି। ଜଳସେଚନ ଦୂରର କଥା ଏହି ନାଳରେ ଏବେ ବିଲାତି ଦଳ ଯୋଗୁ ପରିବେଶ ନଷ୍ଟ ହେଉଛି। ଏହି ଜଳପଥ ୩ଜିଲାର ଭିତିଭୂମିକୁ ସୁଦୃଢ଼ କରିବାକୁ ଏହାକୁ ଆଦ୍ରଭୂମି ଭାବେ ଘୋଷଣା କରାଯାଇ ଉନ୍ନତିକରଣ କାର୍ଯ୍ୟକୁ ଡ୍ରେନେଜ ବଦଳରେ ଜଳ ସମ୍ପଦ ବିଭାକୁ ହସ୍ତାନ୍ତର କରାଯାଉ ବୋଲି ମତପ୍ରକାଶ ପାଇଥିଲା। ସରପଞ୍ଚ ସଞ୍ଜୟ କୁମାର ସେଠୀ ଏହି ସମାବେଶକୁ ସଂଯୋଜନା କରିଥିଲା। ସାମାଜିକ କର୍ମୀ ଗଙ୍ଗାଧର ସାମଲ, ଅମୀୟ କୁମାର ପତି, ଅଭୟ କୁମାର ଚୌଧୁରୀ, ପ୍ରମୋଦ କୁମାର ମଲ୍ଲ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

# ନଳୀପୁର ପଞ୍ଚାୟତରେ ସଚେତନତା ଶିବିର



ନଳୀପୁର ପଞ୍ଚାୟତରେ ଅନୁଷ୍ଠିତ ଶିବିରରେ ଯୋଗଦେଇଥିବା ଅତିଥି।

ଚଣ୍ଡିଖୋଲ,୧୧।୨(ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ବ୍ଲକ ଅନ୍ତର୍ଗତ ନଳୀପୁର ପଞ୍ଚାୟତରେ ଆମ ଓଡିଶା ନବୀନ ଓଡିଶା କାର୍ଯକ୍ରମର ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲଙ୍କ ଅଧ୍ୟକ୍ଷତାରେ ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରତ୍ୟେକ ପଞ୍ଚାୟତରେ ସ୍ୱତନ୍ତ୍ର ପାଣ୍ଠି ବିନିଯୋଗ କରାଯାଇ ଉନ୍ନତି କରାଯାଇଛି। ରାସ୍ତା ଘାଟ, ମଠ, ମନ୍ଦିର, ମସଜିଦ ଠାରୁଆରମ୍ଭ କରି ପାନୀୟ ଜଳ ଯୋଗାଣରେ ବିଶେଷ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରତ୍ୟେକ ମହିଳାଙ୍କୁ ମିଶନ ଶକ୍ତି ମାଧ୍ୟମରେ ସଶକ୍ତ କରାଯାଇଛି ବୋଲି କହିଥିଲେ। ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ଯୋଗଦେଇ ରାଜ୍ୟ ସରକାର ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତ୍ୟେକ ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କାର ସ୍ୱତନ୍ତ୍ର ଅନୁଦାନ ଦେଇଛନ୍ତି। ସେଥିରେ ମହିଳାଙ୍କ ସହଭାଗିତା ଅଧିକ ରହିଛି ବୋଲି କହିଥିଲେ।

ପଞ୍ଚାୟତ ନିର୍ବାହୀ ଅଧିକାରୀ ଧନଞ୍ଜୟ ସ୍ୱାଇଁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆମ୍ବା ଅଧକ୍ଷ ବିପିନ ବିହାରୀ ଜେନା, ପୂର୍ବତନ ସରପଞ୍ଚ ମନ୍ମଥ କେଶରୀ ସାହେବରାୟ, ତାପସ ରାୟ, ଗଗନ ବିହାରୀ ସ୍ୱାଇଁ, ଫନୀନ୍ଦ୍ର ପଣ୍ଡା, ମନୋରଞ୍ଜନ ମଲ୍ଲିକ, ଯୁବନେତା ରଶ୍ମିରଞ୍ଜନ ବଳ, ନିୟାଯୁଦିନ ଖାଁ, ସେକ୍ ନାସିରୁଦିନ, ଅଭୟ ବଳ, ମୋଇନ ଅହମ୍ମଦ, ସେକ୍ ନୁରୁଦିନ, ଅରିଫ ଉଦିନ ଖାଁ, ଗୋଲାମ କିବିରିଆ ଖାଁ, ପ୍ରତାପ ଚନ୍ଦ୍ର ନାୟକ, ଅନନ୍ତ ସିଂହ, ଜୟନ୍ତ ବେହେରା, ତପନ ରଞ୍ଜନ ବଳ, ଉମେଶ ମଳିକ, ବିଜୟ ମଳିକ, ଅନୁସୟା ରାଉତ, ସୁଜାତା ସାମଲ, ଶରତ ବାରିକ ଓ ସେକ ସରାଫତ ପ୍ରମୁଖ ବହୁ ବ୍ୟକ୍ତି ଯୋଗଦେଇ ଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ନିକୁଞ୍ଜ କୁମାର ସାମଲ ଧନ୍ୟବାଦ ଦେଇଥିଲେ।

# ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର କର୍ମକର୍ତ୍ତା ନିର୍ବାଚନ

କେନ୍ଦ୍ରାପଡ଼ା, ୧୧।୨ (ଜଗନ୍ନାଥ ଧଳ)

ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ କେନ୍ଦ୍ରାପଡ଼ା ଜିଲା ଶାଖାର କର୍ମକର୍ତ୍ତା ନିର୍ବାଚନ ଟାଉନ ହଲ୍‌ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଜାନକୀ ବଲ୍ଲଭ ପଣ୍ଡା ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ ସଭାପତି ବିଶ୍ୱବିଜୟୀ ପରିଡ଼ା, ଉପସଭାପତି ମନୀଷା ପ୍ରିୟଦର୍ଶନୀ ଷଡଙ୍ଗୀ, ସମ୍ପାଦକ ରଞ୍ଜିତ କୁମାର ସାହୁ, ଯୁଗ୍ମ ସମ୍ପାଦକ ବିଜୟ କୁମାର ଜେନା, ସଙ୍ଗଠନ ସମ୍ପାଦକ ଶକ୍ତିପ୍ରସାଦ ରଥଙ୍କୁ ମନୋନୟନ କରାଯାଇଛି। ଏଥିସହ ସାଂସ୍କୃତିକ ସମ୍ପାଦକ ଭାବେ ଅନନ୍ତ କୁମାର ମହାରଣା, କାର୍ଯ୍ୟାଳୟ ସମ୍ପାଦକ ରାଜଶ୍ରୀ ପ୍ରଧାନ, କୋଷାଧ୍ୟକ୍ଷ ଦୀପକ କୁମାର ଦାସ, ସମୀକ୍ଷକ ଭାବେ ପୁଷ୍ପଲତା ମହାପାତ୍ର ଓ ପବିତ୍ର ବେହେରାଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ଉପଦେଷ୍ଟା ମଣ୍ଡଳୀରେ ହିମାଂଶୁ ଶେଖର ଦାସ, ନଳିନୀକାନ୍ତ ପୃଷ୍ଟି, ବିଜୟାନନ୍ଦ ପଣ୍ଡା, ସୁଧାଂଶୁ ଶେଖର ମହାନ୍ତି, ଓ ଅଭିମନ୍ୟୁ ସେଠୀ ଅଛନ୍ତି।

# କୋରେଇ ଉନ୍ନୟନ ପରିଷଦର ଜନ ଇସ୍ତାହାର କାର୍ଯ୍ୟକ୍ରମ



ପଥରପଦା ପଞ୍ଚାୟତର ବଡବରୁଣାଇପଦା ମର୍ଚ୍ଛିଆ ଆଦିବାସୀ ବସ୍ତିରେ ଜନଇସ୍ତାହାର କାର୍ଯ୍ୟକ୍ରମରେ ପରିଷଦ କର୍ମକର୍ତ୍ତା ଓ ଅନ୍ୟମାନେ।

ପାଣିକୋଇଲି,୧୧।୨(ବିକାଶ ମଲ୍ଲିକ):

କୋରେଇ ନିର୍ବାଚନମଣ୍ଡଳୀର ସାମୂହିକ ବିକାଶ ନିମନ୍ତେ ଅଣ୍ଟା ଭିଡ଼ିଥିବା କୋରେଇ ଉନ୍ନୟନ ପରିଷଦର ମୁଖ୍ୟ ଉପଦେଷ୍ଟା ମନୋଜ ଜେନାଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଜନ ଇସ୍ତାହାର ଯାତ୍ରା ଶୁଭାରମ୍ଭ ହୋଇଛି। ରବିବାର ପଥରପଦା ପଞ୍ଚାୟତର ବଡବରୁଣାଇପଦା ମର୍ଚ୍ଛିଆ ଆଦିବାସୀ ବସ୍ତିରେ ଜନଇସ୍ତାହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବସ୍ତିର ପିଲାଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ହେଉ ନ ଥିବା ବସ୍ତିବାସିନ୍ଦା ଅଭିଯୋଗ କରିବା ସହିତ ଉକ୍ତ ବସ୍ତିକୁ ସ୍ଥାୟୀ ରାସ୍ତା ନ ଥିବାରୁ ବର୍ଷା ଦିନରେ ଆମ୍ବୁଲାନ୍ସ ଯାତାୟାତ କଷ୍ଟକର ହୋଇ ପଡୁଛି ବୋଲି କହିଛନ୍ତି। ଏହାବ୍ୟତୀତ ବସ୍ତିରେ ପାନୀୟ ଜଳ ସମସ୍ୟା ସହିତ ଅନ୍ୟାନ୍ୟ ଅସୁବିଧା ରହିଛି ବୋଲି ଅଭିଯୋଗ ହୋଇଛି। ସମସ୍ତ ଅଭିଯୋଗକୁ ସମାଧାନ କରାଯିବ ବୋଲି ପରିଷଦର ଉପଦେଷ୍ଟା ଜେନା ପ୍ରତିଶ୍ରୁତି ଦେଇଛନ୍ତି। ପାଣିକୋଇଲି ବରିଷ୍ଠ ନାଗରିକ ମଞ୍ଚ ସଭାପତି ନୃସିଂହ ଚରଣ ଦଳାଇଙ୍କ ଅଧ୍ୟକ୍ଷତାରେ ପରିଷଦର ସଭାପତି ଶ୍ରୀଧର ଦାସ, ସମ୍ପାଦକ ଆଲୋକ ଦାସ, ସହସମ୍ପାଦକ ନିରଞ୍ଜନ ସାମଲ, ତାରିଣୀ ପଟ୍ଟନାୟକ, ଗଣେଶ ମଲ୍ଲିକ, ଶ୍ରୀକାନ୍ତ ମହାନ୍ତି, ନିରୁପମା ମଳିକ, ଆହ୍ଲଲା ଗଣେଶ ପ୍ରସାଦ ରାଓ, ଗୋକୁଳାନନ୍ଦ ମହାରଣା, ସତ୍ୟରଞ୍ଜନ ସ୍ୱାଇଁ, ସୁରେନ୍ଦ୍ର ସେଠୀ, ଅରୁଣ ଦାସ, ସୂର୍ଯ୍ୟମଣି ପାତ୍ର, ବିଜୟ ମଲ୍ଲିକ, ମାନସ ମଲ୍ଲିକ ଓ ଶେତ ଚନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନୃତ୍ୟ, ସଙ୍ଗୀତ ମାଧ୍ୟମରେ ଲୋକଙ୍କୁ ସଚେତନ

ମାର୍ଶାଘାଇ,୧୧।୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ତାଳସଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ ଯୋଗଦେଇ ରାଜ୍ୟର ସବୁବର୍ଗର ଲୋକମାନଙ୍କ ପାଇଁ ନବୀନ ପଟ୍ଟନାୟକ ଗ୍ରହଣ କରିଥିବା ଲୋକାଭିମୁଖୀ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ସରପଞ୍ଚ ଅଶାନ୍ତି ସ୍ୱାଇଁ, ବ୍ଲକ ଜିପିଇଓ ରମେଶ ଚନ୍ଦ୍ର ଦାସ, ଡିଇଓ ସୌଭାଗ୍ୟ ଦାସ ଉପସ୍ଥିତ ଥିଲେ। ସାଇନାଥ କଳାପରିଷଦ ପକ୍ଷରୁ ଜୟଶ୍ରୀ ପତିଙ୍କ ଦ୍ୱାରା କାର୍ଯ୍ୟକ୍ରମ ସଞ୍ଚାଳନ କରାଯାଇଥିବା ବେଳେ କଳାକାରମାନେ ନୃତ୍ୟ, ସଙ୍ଗୀତ ମାଧ୍ୟମରେ ଲୋକଙ୍କୁ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ସଚେତନ କରିଥିଲେ। ସରପଞ୍ଚ ପ୍ରତିନିଧି ସଞ୍ଜୟ ବେହେରା, ସଞ୍ଜୟ ରାଉତ, ବିଦ୍ୟାଧର ଦାସ, ସୁନୀଲ ସାମନ୍ତରାୟ, ହିମାଂଶୁ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରେଖା ପରିଡା ଧନ୍ୟବାଦ ଦେଇଥିଲେ।



ସମିଆ ପଞ୍ଚାୟତ ପକ୍ଷରୁ ଅନୁଷ୍ଠିତ ସଚେତନତା ଶିବିରରେ ଯୋଗଦେଇଥିବା ଅତିଥି ଓ ଅଧିକାରୀ।

# ସମିଆ ପଞ୍ଚାୟତ ପକ୍ଷରୁ ସଚେତନତା ଶିବିର

ବଡ଼ଚଣା,୧୧।୨(ଦିଲୀପ ମହାନ୍ତି):

ବଡ଼ଚଣା ବ୍ଲକ ସମିଆ ପଞ୍ଚାୟତ ପକ୍ଷରୁ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ସଚେତନତା ଶିବିର ଦେହୁରିଗଡା ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଜିଲା ପରିଷଦ ସଦସ୍ୟ ଯତୀନ୍ଦ୍ର ପ୍ରସାଦ ନାୟକ, ସମବାୟ ସମିତି ସଭାପତି ଯୁଗଳ ଖିଲାର, ପୂର୍ବତନ ସରପଞ୍ଚ ରତ୍ନାକର ପ୍ରଧାନ, ଯତୀନ୍ଦ୍ର ପଣ୍ଡା, କଳକଳା ରାଜା ସାହେବ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ପ୍ରମୁଖ ଯୋଗଦେଇ ନବୀନ ପଟ୍ଟନାୟକ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇଥିଲେ। କଳାକାରଙ୍କ ଦ୍ୱାରା ନୃତ୍ୟ ଓ ପାଲା ପରିବେଷଣ କରାଯାଇ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଆରଏସ୍ ଦୁର୍ଯ୍ୟୋଧନ ସାହୁ, ଲକ୍ଷ୍ମୀଧର ଦାସ, ଲିକୁ ଦାସ, ପୁଷ୍ପଲତା ନାଥ, ସୋନାଲି ନାଥ, ଲକ୍ଷ୍ମୀଧର ସାମଲ, ଅଜୟ ବେହେରା ଓ ସୀତାନାଥ ବ୍ରହ୍ମ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଶାନ୍ତ ସ୍ୱାଇଁ ପରିଚାଳନା କରିଥିଲେ।

# ଧୂଳିଗଡ଼ ପଞ୍ଚାୟତରେ ବିଜେଡିର ନେତୃତ୍ୱ ସମ୍ମିଳନୀ



ସମ୍ମିଳନୀରେ ଯୋଗଦେଇଥିବା କର୍ମୀମାନେ।

କଳିଙ୍ଗନଗର,୧୧।୨(ଶୁଭାଶିଷ ରାଉତ):

ଦାନଗଦୀ ବ୍ଲକ ଅଧୀନ ଧୂଳିଗଡ଼ ପାଞ୍ଚାୟତ ମାନଗୋବିନ୍ଦପୁରଠାରେ ରବିବାର ବିଜେଡିର ଏକ ନେତୃତ୍ୱ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧୂଳିଗଡ଼ର ବିକାଶ ସହ ଆଗାମୀ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କୁ ପୁଣି ମୁଖ୍ୟମନ୍ତ୍ରୀ ଓ ବିଧାୟକ ତଥା ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇଙ୍କୁ ବିରାଟ ବ୍ୟବଧାନରେ ବିଜୟୀ କରିବା ପାଇଁ ଶପଥ ନେଇଛନ୍ତି ପାଞ୍ଚାୟତବାସୀ। ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସ, ଜିଲା ପରିଷଦ ସଭ୍ୟା ସୁଚିତ୍ରା ବିଶ୍ୱାଳ, ଟିନା ହାଇବ୍ରୁ, ସ୍ମୃତିରେଖା ରାଉତ, ବିଭୂତି ଭୂଷଣ ଧୀର, ବ୍ଲକ ବିଜେଡି ଯୁବ ସଭାପତି ଚନ୍ଦନ କର, ବିଜେଡି କାର୍ଯ୍ୟକାରୀ ସଭାପତି ସୁରେଶ ଦାଶ, ଉପସଭାପତି ପବିତ୍ର ମୋହନ ଜେନାମଣି, ଯୁବନେତା ରୁଦ୍ର ନାରାୟଣ ଦାସ ଓ ଜଗନ୍ନାଥ ଧୀର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୧ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ କର୍ମୀ ଉପସ୍ଥିତ ଥିଲେ।

# ବିରଜା କୃପା ସାହିତ୍ୟ ପରିବାରର ବାର୍ଷିକ ଉତ୍ସବ

ଯାଜପୁର ଟାଉନ,୧୧।୨
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ବିରଜା କୃପା ସାହିତ୍ୟ ପରିବାରର ୩ୟ ବାର୍ଷିକ ଉତ୍ସବ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ରବିବାର ପାଳିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ରାଜ୍ୟର କୋଣ ଅନୁକୋଣରୁ ଆସିଥିବା କବୟିତ୍ରୀକବି କବିତା ପାଠ କରିଥିଲେ। ପରିବାରର ମୁଖ୍ୟ ଉପଦେଷ୍ଟା ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଡ. ଜ୍ଞାନରଞ୍ଜନ ପତି, ସମ୍ମାନିତ ଅତିଥିଭାବେ ବୈଜ୍ଞାନିକ ତଥା ପ୍ରବାସୀ ଭାରତୀୟ ରଞ୍ଜିତ ସାହୁ, ଉପଦେଷ୍ଟା ବିଶ୍ୱେଶର ମାଝି, ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁଶାନ୍ତ ପଣ୍ଡା, ଅନୁଷ୍ଠାନ ସଭାପତି ବିଦ୍ୟୁତ୍‌ପ୍ରଭା ମିଶ୍ର, ସମ୍ପାଦକ ବୈଦ୍ୟନାଥ ପଣ୍ଡା ପ୍ରମୁଖ ମଞ୍ଚାସୀନ ହୋଇ ସାହିତ୍ୟ ଓ ବିରଜାକୃପା ପରିବାର ବିଷୟରେ ଆଲୋକପାତ କରିଥିଲେ। ସମ୍ପାଦକ ବୈଦ୍ୟନାଥ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ପଣ୍ଡିତ ଭୂପତି ଭୂଷଣ ମିଶ୍ର କାର୍ଯକ୍ରମ ସଞ୍ଚାଳନ କରିଥିଲେ।



ଉତ୍ସବରେ ମଞ୍ଚାସୀନ ଅତିଥି।

ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷର ବିରଜାକୃପା ପତ୍ରିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପରେ ବିଭିନ୍ନ ଲେଖକଙ୍କ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିତ୍ୱଙ୍କୁ ବିରଜା କୃପା ସମ୍ମାନରେ ସମ୍ମାନିତ କରାଯାଇଥିଲା। କବିତା ମଧ୍ୟରେ 'ପ୍ରାଣ ପ୍ରାଚୁର୍ଯ୍ୟ ଧୀରେ ଧୀରେ ନଷ୍ଟ ହେବାକୁ ବସିଲାଣି', 'ସମୟ ଆସିଛି ଆମ ଓଡ଼ିଆ ସାହିତ୍ୟ'କୁ ବଞ୍ଚାଇବା ପାଇଁ ପ୍ରୟାସ ଜାରି ରଖିବାକୁ ମୁଖ୍ୟ ଅତିଥି ଡ. ପତି ବକ୍ତବ୍ୟରେ କହିଥିଲେ। ଆମ ଓଡ଼ିଆ ଭାଷା ଉପରେ ବାହ୍ୟଚାପ ପଡୁଥିବାରୁ ଭାଷା ଅପଭ୍ରଂସ ହୋଇଯାଇଛି ବୋଲି ସୁଶାନ୍ତ ପଣ୍ଡା ନିଜ ଅଭିଭାଷଣରେ ଅସନ୍ତୋଷ ପ୍ରକାଶ କରିଥିଲେ। ସହସଂପାଦିକା ଅନୁପମା ରଣା ଶଭାକାର୍ଯ୍ୟ ଆରମ୍ଭ କରିଥିଲେ। ଉତ୍ସବରେ ଗାୟତ୍ରୀ ଦାଶ, ଶ୍ରୀନିବାସ ବିଶ୍ୱାଳ, ସୌଦାଗର ବିଶ୍ୱାଳ, ଶ୍ରୀକାନ୍ତ ବେହେରା, ପଣ୍ଡିତ ଅଭୟ ତ୍ରିପାଠୀଶର୍ମା, ସ୍ନେହଲତା ବିଶ୍ୱାଳ, ରଞ୍ଜିତା ଦାଶ, ବିଶେଶ୍ୱର ମାଝି, ସତ୍ୟରଞ୍ଜନ ସ୍ୱାଇଁ ଓ ରାହାସ ବିହାରୀ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଝୁଲନ୍ତା ମୃତଦେହ ଜବତ

ରଘୁନାଥପୁର,୧୧।୨ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତରିକୁନ୍ଦ ପଞ୍ଚାୟତ ଧନୀପୁର ନାଳବନ୍ଧ ପାର୍ଶ୍ୱ ଏକ ଲିମ୍ବ ଗଛରୁ ରବିବାର ସକାଳୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜଗତ୍‌ସିଂହପୁର ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ଗ୍ରାମର ମକ୍ରଧର ବେହେରାଙ୍କ ପୁଅ ରବୀନ୍ଦ୍ର, ବୟସ (୪୨)। ପୂର୍ବରୁ ସେ ସ୍ଥାନୀୟ ବଜାରରେ ଏକ ବାଇକ ଗ୍ୟାରେଜ କରି ପରିବାର ପ୍ରତିପୋଷଣ କରୁଥିଲେ। କଟକ ଜଗତ୍‌ସିଂହପୁର ୫୫ ନଂ ଜାତୀୟ ରାଜପଥ ପାଇଁ ରାସ୍ତା ପ୍ରଶସ୍ତ ହେବାରୁ ତାଙ୍କ ଦୋକାନଟି ଉଠା ଯାଇଥିଲା। ଫଳରେ ରବୀନ୍ଦ୍ର ଜୀବିକା ହରେଇ ଦୁଃଖକଷ୍ଟରେ କାଳାତିପାତ କରୁଥିଲେ। ଘରେ ସ୍ତ୍ରୀ ଓ ଏକମାତ୍ର ପୁଅ ଅଛି। ବେରୋଜଗାର ଯୋଗୁଁ ମାନସିକ ଭାରସାମ୍ୟ ହରାଇ ରବୀନ୍ଦ୍ର ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି।ଏନେଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ନିଖିଳ ଓଡ଼ିଶା କୈବର୍ତ୍ତ ମହାସଂଘ ସାଧାରଣ ଅଧିବେଶନ

କୁଜଙ୍ଗ,୧୧।୨(ମନୋଜ ପ୍ରଧାନ)

ନିଖିଳ ଓଡ଼ିଶା କୈବର୍ତ୍ତ ମହାସଂଘ ପକ୍ଷରୁ କୁଜଙ୍ଗ ବ୍ଲକ ବାଗୋଇ ପଞ୍ଚାୟତ ଅନ୍ତର୍ଗତ କୋଠିଆସାହିସ୍ଥିତ ମୁକ୍ତେଶର ମଣ୍ଡପରେ ରବିବାର ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ସାରଳା ମଣ୍ଡଳ କୈବର୍ତ୍ତ ମହାସଂଘ ଜଗତ୍‌ସିଂହପୁର ଜିଲା ସଭାପତି ତଥା ନିଖିଳ ଓଡ଼ିଶା କୈବର୍ତ୍ତ ମହାସଂଘ ସଂଗଠନ ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଉକ୍ତ ଅଧିବେଶନରେ ନିଖିଳ ଓଡ଼ିଶା କୈବର୍ତ୍ତ ମହାସଂଘ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ବେହେରା ଯୋଗଦେଇ କୈବର୍ତ୍ତମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ସେ କହିଥିଲେ, ଜଗତ୍‌ସିଂହପୁର ଜିଲାରେ ୧ ଲକ୍ଷ ୬୦ ହଜାର କୈବର୍ତ୍ତ ବସବାସ କରୁଥିବା ବେଳେ ସେମାନଙ୍କର ଏକ ମାତ୍ର କୌଳିକ ବୃତ୍ତି ହେଉଛି ନଦୀରୁ ମାଛ ମାରିବା । ହେଲେ ବର୍ତ୍ତମାନ ପାରାଦୀପର ଶିଳ୍ପ ସଂସ୍ଥାମାନେ ବର୍ଜ୍ୟବସ୍ତୁ ଛାଡ଼ି ନଦୀ ଜଳକୁ ପ୍ରଦୂଷିତ କରିବା ଫଳରେ ମାଛମାନେ ମରିଯିବା ସହ ବଂଶ ବୃଦ୍ଧି କରିପାରୁ ନାହାନ୍ତି। ଫଳରେ କୈବର୍ତ୍ତମାନେ ସେମାନଙ୍କ କୌଳିକ ବୃତ୍ତି ହରାଇଛନ୍ତି। ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଶିଳ୍ପ କାରଖାନାରେ ନିଯୁକ୍ତି ଦେବା ପାଇଁ ବେହେରା ଦାବି କରିଥିଲେ । କାର୍ଯ୍ୟକାରୀ ସଭାପତି ନିଖିଳ ଓଡ଼ିଶା କୈବର୍ତ୍ତ ମହାସଂଘର ମନୋଜ ବେହେରା, କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ, ଜିଲାପରିଷଦ ସଦସ୍ୟା ପୁଷ୍ପଲତା ବେହେରା, ଶ୍ରୀଧର ବେହେରା, ଅକ୍ଷୟ ବେହେରା, ସୁନାକର ବେହେରା ପ୍ରମୁଖ କୈବର୍ତ୍ତମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

### ୨୫ରେ ପାରାଦୀପ ଜଗନ୍ନାଥ ଟ୍ରକ ମାଲିକ ସଂଘ ନିର୍ବାଚନ

ପାରାଦୀପ,୧୧।୨(ଶରତ ରାଉତ)

ପାରାଦୀପର ଅନ୍ୟତମ ବୃହତ୍ ଜଗନ୍ନାଥ ଟ୍ରକ ମାଲିକସଂଘ କର୍ମକର୍ତ୍ତା ନିର୍ବାଚନ ଫେବୃଆରୀ ୨୫ରେ ହେବ। ରବିବାର ସଂଘ ପକ୍ଷରୁ ନିର୍ବାଚନ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ ଦର୍ଶାଯାଇଛି, କର୍ମକର୍ତ୍ତା ପାଇଁ ଆଶାୟୀମାନେ ୧୫ରେ ପ୍ରାର୍ଥିପତ୍ର ଦାଖଲ, ୧୬ରେ ଯାଞ୍ଚ, ପ୍ରତ୍ୟାହାର ଓ ଚିହ୍ନ ବଣ୍ଟନ କରାଯିବ।୨୫ ରେ ନିର୍ବାଚନ ଓ ସନ୍ଧ୍ୟାରେ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ ବୋଲି ସଂଘର ପୂର୍ବତନ ଉପସଭାପତି ମାନସ ପାତ୍ର ସୂଚନା ଦେଇଛନ୍ତି।

# ‘ଅନ୍ୟ କେହି ନୁହେଁ, ନିଜେ ନିଜର ବଡ଼ ପ୍ରତିଯୋଗୀ’

ଜଗତ୍‌ସିଂହପୁର, ୧୧।୨ (ପ୍ରମୋଦ କୁମାର ନାୟକ)



ହୀରକ ଜୟନ୍ତୀ ଉତ୍ସବରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ଅନ୍ୟ ଅତିଥିମାନେ।

**ଜଗତ୍‌ସିଂହପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ**

■ ହୀରକ ଜୟନ୍ତୀ ଉତ୍ସବରେ ଭାଜପାର ଛାପ

ବହୁ ବାଦବିବାଦ ସତ୍ତ୍ୱେ ରବିବାର ସ୍ଥାନୀୟ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ହୀରକ ଜୟନ୍ତୀ (ଡାଇମଣ୍ଡ ଜୁବିଲି) ଉତ୍ସବ ଗୋଟିଏ ଗୋଷ୍ଠୀ ପକ୍ଷରୁ ପାଳନ କରାଯାଇଛି। ଉତ୍ସବର ମୁଖ୍ୟ ଆକର୍ଷଣ ଥିଲେ ଭାଜପା ନେତ୍ରୀ ତଥା ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ। ଷଡ଼ଙ୍ଗୀଙ୍କ ଜଗତ୍‌ସିଂହପୁର ଆଗମନକୁ ନେଇ ରାଜନୈତିକ ମହଲରେ ବେଶ୍ ଚର୍ଚ୍ଚା ଲାଗି ରହିଛି। ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ଏବଂ ଏକ ଶିକ୍ଷାନୁଷ୍ଠାନର ହୀରକ ଜୟନ୍ତୀ ଉତ୍ସବକୁ ନେଇ ଲାଗି ରହିଥିବା ବିବାଦ ସମୟରେ ଅପରାଜିତାଙ୍କ ଯୋଗଦାନ ଗୁରୁତ୍ୱ ବହନ କରିଛି। ବିଶେଷକରି ଅପରାଜିତାଙ୍କୁ ଭାଜପା ପକ୍ଷରୁ ଗାନ୍ଧୀ ଛକ ନିକଟରୁ ସଂସ୍କୃତି ଭବନ ପର୍ଯ୍ୟନ୍ତ ଯେଉଁଭଳି ଶୋଭାଯାତ୍ରାରେ ନିଆଯାଇଥିଲା ତାହା ହୀରକ ଜୟନ୍ତୀ ଉତ୍ସବରେ ଭାଜପାର ଛାପ ଥିବା ସ୍ପଷ୍ଟ ବାରି ହୋଇ ପଡ଼ିଥିଲା। ଏନେଇ ବିଭିନ୍ନ ମହଲରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କାର୍ଯ୍ୟକ୍ରମ ସୂଚୀ ଅନୁଯାୟୀ, ପୂର୍ବାହ୍ନ ୧୧ଟାରେ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ପୁରାତନ ଛାତ୍ରୀ ସଂସଦ ପକ୍ଷରୁ ସଭାକାର୍ଯ୍ୟ ଆରମ୍ଭ ହେବାର ଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା, ମୁଖ୍ୟବକ୍ତା ସାମାଜିକ କର୍ମୀ ରୀନା ରାଉତରାୟ, ମା’ଘର ପ୍ରତିଷ୍ଠାତା ରତ୍ନପର୍ଣ୍ଣା ମହାନ୍ତି ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ତଥା ସାହିତ୍ୟିକା ଜ୍ୟୋତିର୍ମୟୀ ମହାନ୍ତି ଯୋଗ ଦେବାର କାର୍ଯ୍ୟକ୍ରମ ଥିଲା। ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେବେ ବୋଲି ସ୍ପଷ୍ଟ କରାଯାଇଥିଲା। କିନ୍ତୁ ଉତ୍ସବରେ ରତ୍ନପର୍ଣ୍ଣା ଓ ଜ୍ୟୋତିର୍ମୟୀ ଅନୁପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଯଥେଷ୍ଟ ବିଳମ୍ବରେ ଅର୍ଥାତ୍ ଅପରାହ୍ନ ୧ଟା ୩୦ରେ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମ ପୂର୍ବରୁ ଅପରାଜିତାଙ୍କୁ ଜିଲା ଭାଜପା ପକ୍ଷରୁ ଗାନ୍ଧୀ ଛକ ନିକଟରୁ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପର୍ଯ୍ୟନ୍ତ ପଦଯାତ୍ରାରେ ନିଆଯାଇଥିଲା। ଏହି ଶୋଭାଯାତ୍ରା ସମୟରେ ଭାଜପା କର୍ମୀମାନଙ୍କ ପକ୍ଷରୁ ବାଦ୍ୟରୋଳ, ଆତସବାଜି ସାଙ୍ଗକୁ ସ୍ଲୋଗାନ ନିଆରା ପରିବେଶ ସୃଷ୍ଟି କରିଥିଲା। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ପୂର୍ବ ପ୍ରସ୍ତୁତି ମୁତାବକ ଅପେକ୍ଷାରେ ଥିବା ଆୟୋଜକ ମହିଳାମାନେ ଅପରାଜିତାଙ୍କୁ ସମ୍ବର୍ଦ୍ଧିତ କରି ପଦଯାତ୍ରାରେ ସାମିଲ ହୋଇଥିଲେ। ଉତ୍ସବରେ ଅପରାଜିତା ମଞ୍ଚାସୀନ ଓ ସମ୍ମୁଖରେ ବସିଥିବା ମହିଳାଙ୍କୁ ଦେଖି କହିଥିଲେ, ଓଡ଼ିଶା ଜନସଂଖ୍ୟାର ଅଧା ହେଉଛନ୍ତି ମହିଳା। ଅର୍ଥାତ୍ ୪.୫୦ କୋଟି ଜନତାଙ୍କ ମଧ୍ୟରୁ ୨.୨୫ କୋଟି କେବଳ ମହିଳା। ଅନୁରୂପ ଭାବେ ଦେଶର ଜନସାଧାରଣଙ୍କ ମଧ୍ୟରୁ ଅଧା ମହିଳା। ମହିଳାମାନେ ସଶକ୍ତ ହେଲେ ଦେଶ ଆଗେଇବ। ପ୍ରତିଯୋଗିତା ସୁସ୍ଥ ହେଲେ ଭଲ। କିନ୍ତୁ ଅଧିକ ପ୍ରତିଯୋଗିତା କଲେ ଜୀବନରେ ଅଶାନ୍ତି ଆସିବ। ଆମ ସମସ୍ତଙ୍କ ପାଇଁ ଶାନ୍ତି, ପ୍ରେମ, ସ୍ଥିରତା, ସନ୍ତୁଳନ, ସମନ୍ୱୟ ଓ ସକାରାତ୍ମକ ଚିନ୍ତାଧାରା ଆବଶ୍ୟକ। ବିଚଳିତ ହେଲେ ଚଳିବ ନାହିଁ। ବିନମ୍ରତାର ସହ ମୁଣ୍ଡ ଟେକି ଚାଲିବାର ଅଛି। ସବୁବେଳେ ଶିକ୍ଷା ଅର୍ଜନ କରିବା ଦରକାର। ଏବେ ବି ବହୁ ବ୍ୟସ୍ତତା ସତ୍ତ୍ୱେ ସେ ପ୍ରତ୍ୟହ ୨ ଘଣ୍ଟା ପଢୁଛନ୍ତି। ତେଣୁ ପିଲାମାନେ ବଡ଼ ବଡ଼ ସ୍ୱପ୍ନ ଦେଖିବାର ଅଛି। ସେମାନଙ୍କ ବ୍ୟକ୍ତିତ୍ୱ ବିକାଶ କରିବାକୁ ପଡ଼ିବ। ତାହା ନ ହେଲେ ଉନ୍ନତ ଚିନ୍ତାଧାରା, ବିଚାରଧାରା ଆସିବ ନାହିଁ। ଯଦି ଆପଣମାନଙ୍କୁ କୌଣସି ଭଲ ଜିନିଷ ପାଇଁ ବାଧା ସୃଷ୍ଟି କରାଯାଉଛି ତେବେ କାମ ଦ୍ୱିଗୁଣିତ କରନ୍ତୁ। ଆହୁରି ଭଲ କାମ କଲେ ଶରୀର, ମସ୍ତିଷ୍କ, ଆତ୍ମା ଶୁଦ୍ଧ ଓ ସୁସ୍ଥ ରଖିହେବ। ଏଥିସହ ମୋବାଇଲ ନୁହେଁ ସବୁବେଳେ ହାତରେ ବହି ଧରିବାକୁ ଚେଷ୍ଟା କର। କିଏ କାହାର ପ୍ରତିଯୋଗୀ ଜାଣିବା ଜରୁରୀ ନୁହେଁ। ବଡ କଥା ହେଲା ନିଜେ ନିଜର ବଡ ପ୍ରତିଯୋଗୀ। ଅର୍ଥାତ୍ ଗତକାଲି ଯାହା କରିଥିଲେ ଆଜି କିପରି ତାଠୁ ଅଧିକ ଭଲ କରିହେବ ତା’ ଉପରେ ଗୁରୁତ୍ୱ ଦେବାକୁ ପଡିବ। କାହା ସଙ୍ଗରେ ପ୍ରତିଯୋଗିତା କଲେ ଲାଭ ନାହିଁ ବୋଲି ଅପରାଜିତା କହିଥିଲେ। ଉତ୍ସବରେ ମୁଖ୍ୟବକ୍ତାଭାବେ ରାଉତରାୟ, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ସିଂହ ପ୍ରମୁଖ ଶିକ୍ଷାନୁଷ୍ଠାନର ଗରିମା ଉପରେ ବଖାଣି ଥିଲେ।

### କ୍ରିକେଟ୍ : ଗୋବିନ୍ଦପୁର ଚାମ୍ପିୟନ

କୁଜଙ୍ଗ,୧୧।୨(ମନୋଜ ପ୍ରଧାନ)

ମା’ଫୁଲଖାଇ ଗ୍ରାମ୍ୟ କମିଟି ଢିଙ୍କିଆ ଏବଂ ସ୍ଥାନୀୟ ଯୁବକମାନଙ୍କ ସହଯୋଗରେ ଚାଲିଥିବା ଢିଙ୍କିଆ ପ୍ରିମିୟର ଲିଗ୍ କ୍ରିକେଟ୍ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୮ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଗୋବିନ୍ଦପୁର କ୍ରିକେଟ କ୍ଲବ ଏବଂ ନୂଆଗଡ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋବିନ୍ଦପୁର ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଟସ୍ ଜିତି ଗୋବିନ୍ଦପୁର କ୍ରିକେଟ କ୍ଲବ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ୍ ହରାଇ ୧୧୩ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ନୂଆଗଡ କ୍ରିକେଟ କ୍ଲବ ସମସ୍ତ ଉଇକେଟ୍ ହରାଇ ୯୦ ରନ ସଂଗ୍ରହ କରି ପରାଜିତ ହୋଇଛି। ମ୍ୟାଚରେ ସୁଶାନ୍ତ ନାୟକ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଟୁର୍ନାମେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଜିତୁନା ଦାସ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଦକ୍ଷ ଅମ୍ପାୟର ଭାବେ ପ୍ରଶାନ୍ତ ଲେଙ୍କା ଏବଂ ସଂଗ୍ରାମ ଲେଙ୍କା ମ୍ୟାଚ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଢିଙ୍କିଆ ପଞ୍ଚାୟତ ସରପଞ୍ଚ କିଶୋର କୁମାର ପରିଡ଼ା ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଢିଙ୍କିଆ କୃଷି ସେବା ସମବାୟ ସମିତି ସଭାପତି ଅକ୍ଷୟ ବେହେରା ଏବଂ ଗ୍ରାମ୍ୟ କମିଟି ସଭାପତି ନୃସିଂହ ରାଉତ, ସୁଶୀଲ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ।

# ସଫଳ ନେତୃତ୍ୱ ବିକଶିତ ଓଡ଼ିଶାର ସ୍ୱପ୍ନ ଦେଖେ

ରଘୁନାଥପୁର,୧୧।୨(ରାଜେନ୍ଦ୍ର ନାରାୟଣ ସିଂହ)


ସଚେତନତା କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କଳାକାର ଓ ଅନ୍ୟମାନେ।

**୩ ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ**

ରଘୁନାଥପୁର ବ୍ଲକର ୩ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ଜରିଆରେ ରବିବାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାରପୁର ସରପଞ୍ଚ ସୁଷମା ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅଚ୍ଛୁତପୁରସ୍ଥିତ ମା’ ମାଳିକେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଉକ୍ତ ସରକାରୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ବିଗତ ୨୫ ବର୍ଷ ତଳର ଓଡ଼ିଶା ଓ ବର୍ତ୍ତମାନର ବାସ୍ତବ ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ଏହା କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିଷ୍ଠା ଓ କର୍ମତତ୍ପରତା ଯୋଗୁ ସମ୍ଭବ ହୋଇପାରିଛି ବୋଲି ପ୍ରକାଶ କରିବା ସହ ଜଣେ ସଫଳ ନେତୃତ୍ୱ ବିକଶିତ ଓଡ଼ିଶାର ସ୍ୱପ୍ନ ଦେଖେ ବୋଲି କହିଥିଲେ। ଅନ୍ତର୍ଯାମୀ ରାଉତ ଏହି ସଭା ସଞ୍ଚାଳନ କରିଥିବାବେଳେ ସୁକାନ୍ତ କୁମାର ଦାସ ପରିଚାଳନା କରିଥିଲେ। ଏଥିରେ ପଞ୍ଚାୟତ ସଭାପତି ଚନ୍ଦ୍ରଶେଖର ସିଂହ, ସାମାଜିକ କର୍ମୀ ବିନୋଦ ବିହାରୀ ମହାନ୍ତି ଓ ପ୍ରଭାକର ମଲ୍ଲିକ, ତଅଁରା ସରପଞ୍ଚ ବଟକୃଷ୍ଣ ନାୟକ, ସମିତି ସଭ୍ୟା ପୂଜାଲତା ଦାସ ଓ ନାଏବ ସରପଞ୍ଚ କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅଢ଼େଇକୁଳ ପଞ୍ଚାୟତରେ ସରପଞ୍ଚ ରିନାରାଣୀ ସ୍ୱାଇଁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତ ସଭାପତି ପଞ୍ଚୁ ଦାସ, ଶୁଭ୍ରାଂଶୁ ଆଚାର୍ଯ୍ୟ,ସମିତି ସଭ୍ୟା ମିତାଞ୍ଜଳି ପଣ୍ଡା, ସାମାଜିକ କର୍ମୀ ଅନୁପ ପ୍ରସାଦ ସ୍ୱାଇଁ, ସୁଧାଂଶୁ ବିଶ୍ୱାଳ ଓ ଅଶୋକ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦିଲୀପ ଜେନା ସଭା ପରିଚାଳନା,ସରୋଜ ରାୟ ଅତିଥି ପରିଚୟ ଓ ପିଇଓ ମନୋଜ ଦାସ ଧନ୍ୟବାଦ ଦେଇଥିଲେ। ସେହିପରି ପୂରଣ ଓଡପଡା ପଞ୍ଚାୟତରେ ସରପଞ୍ଚ ଶିବରାମ ସାହୁଙ୍କ ପରିଚାଳନାରେ କାର୍ଯ୍ୟ ସମ୍ପାଦନ ହୋଇଥିଲା। ସମିତି ସଭ୍ୟା ପ୍ରିୟତମା ରାଉତ, ଗୌତମ ପାଲିତ, ସାଦେଇପୁର ସରପଞ୍ଚ ପ୍ରଭାସିନୀ ପ୍ରଧାନ, ଧରାଧାରପୁର ସରପଞ୍ଚ ନଳିନୀପ୍ରଭା ମୁଦୁଲି ଓ ରାଢ଼ଙ୍ଗ ସରପଞ୍ଚ ସୁଶୀଳ ବାରିକ ଅତିଥି ଭାବେ ଉପସ୍ଥିତ ଥିଲେ। ବିଦ୍ୟାଧର ମହାନ୍ତି ସଭା ସଞ୍ଚାଳନ କରିଥିଲେ। ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ଜିଲାପରିଷଦ ସଭ୍ୟା ରିନାରାଣୀ ମଲ୍ଲିକ ଓ ଇତିଶ୍ରୀ ମଲ୍ଲିକ, ତଅଁରା ସମିତି ସଭ୍ୟା ଶାନ୍ତିଲତା ଦ୍ୱିବେଦୀ ଓ ଏବିଡିଓ ଜ୍ଞାନଦା ନାୟକ ୩ ପଞ୍ଚାୟତ ଗସ୍ତକରି ସରକାରୀ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରତି ପଞ୍ଚାୟତ ସଚେତନତା କାର୍ଯ୍ୟକ୍ରମରେ ସଫଳ ବ୍ୟକ୍ତିତ୍ୱ, କୃତି ପ୍ରତିଭା, ସ୍ୱାଧୀନତା ସଂଗ୍ରାମୀ,ବରିଷ୍ଠ ନାଗରିକ, ଶିକ୍ଷାବିତ୍ ଓ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହାଛଡା ନୃତ୍ୟଗୀତ ଓ ପାଲା ମାଧ୍ୟମରେ ସରକାରୀ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା।

### ମା’ଅନ୍ଧାରେଇ କ୍ରିକେଟ : ଗ୍ରାମେଶ୍ୱର ଚାମ୍ପିୟନ

ବାଲିକୁଦା,୧୧।୨(ତାପସ ସ୍ୱାଇଁ)

ମା’ଅନ୍ଧାରେଇ ଡାଇମଣ୍ଡ କ୍ରିକେଟ କ୍ଲବ ବରମୁଣ୍ଡଳୀ ଆନୁକୂଲ୍ୟରେ ଚାଲିଥିବା ପଞ୍ଚମ ବାର୍ଷିକ ମାନସ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠିତ ଫାଇନାଲ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ମା’ ବନ୍ଦରେଇ କ୍ରିକେଟ କ୍ଲବ ବନ୍ଦର ନିର୍ଦ୍ଧାରିତ ୧୨ ଓଭର ମଧ୍ୟରେ ତା’ର ୯ ଉଇକେଟ ହରାଇ ୩୮ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଗ୍ରାମେଶ୍ୱର କ୍ରିକେଟ କ୍ଲବ ବରଦିଆ ୯ ଓଭର ମଧ୍ୟରେ ୮ ଉଇକେଟ ହରାଇ ୩୯ ରନ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ମ୍ୟାଚରେ ଉଭୟ ବୋଲିଂ ଓ ବ୍ୟାଟିଂରେ ସଫଳତା ପାଇଁ ବରଦିଆ ଟିମ୍‌ର ଅଧୀର ଦାସ ଉଭୟ ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ ବିବେଚିତ ହୋଇଥିଲେ। ମ୍ୟାଚରେ ଅମ୍ପାୟର ଦାୟିତ୍ୱ ଶୁଭେନ୍ଦୁ ବିଶ୍ୱାଳ ଓ ସାଗର ବାହାଲିଆ ପରିଚାଳନା କରିଥିବା ବେଳେ ସ୍କୋରିଙ୍ଗରେ ରାହୁଲ ରାଉତ ଓ ପ୍ରକାଶ ପରିଡା ସହଯୋଗ ପ୍ରଦାନ କରିଥିଲେ। ମ୍ୟାଚର ସମସ୍ତ ଧାରାବିବରଣୀ ପବିତ୍ର ବିଶ୍ୱାଳ ଓ ସୁବାସ ସ୍ୱାଇଁ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରାଜଶ୍ରୀ ଖଟୁଆ ଓ ସମ୍ମାନିତ ଅତିଥି ଭାବେ କାର୍ତ୍ତିକ ବେହେରା ଯୋଗଦେଇ ମାନସଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିଜର ବକ୍ତବ୍ୟ ପ୍ରଦାନ କରିବା ସହ ଉଭୟ ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟ ପରିଚାଳନାରେ କ୍ଲବର ସଦସ୍ୟ ଜିତେନ୍ଦ୍ର ପରିଡା, ଉପେନ୍ଦ୍ର ପରିଡା, ପ୍ରଦୋଷ ବିଶ୍ୱାଳ, ସମ୍ପଦ ବେହେରା, ଆଶୀର୍ବାଦ ବାହାଲିଆ, ସଞ୍ଜୟ ବାହାଲିଆ, ରାହୁଲ ରାଉତ, ବାବାଜୀ ପରିଡା, ରୁଦ୍ର ନାରାୟଣ ଦାସ, ଲିଟୁ ଦାସ, ରାହୁଲ ଦାସଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସହାୟତା ପ୍ରଦାନ କରିଥିଲେ।


ଚାମ୍ପିୟନ ଟ୍ରଫି ସହ ଖେଳାଳିମାନେ।

# ‘ଓଡ଼ିଆ ଭାଷାର ବିଲୁପ୍ତ ହେବା ସମ୍ଭବ ନୁହେଁ’

ତିର୍ତ୍ତୋଲ, ୧୧।୨ (ଗୌରାଙ୍ଗ ଚରଣ ସ୍ୱାଇଁ)

ଓଡ଼ିଆ ଭାଷାର ବିଲୁପ୍ତ ହେବା ସମ୍ଭବ ନୁହେଁ, କିନ୍ତୁ ଏହି ଭାଷାକୁ ଯେଉଳି ଭାବରେ ସଂକୀର୍ଣ୍ଣ ଭାବେ ବ୍ୟବହାର କରାଯାଉଛି ତାହା ଭାଷାର ମୌଳିକତା ପ୍ରତି ବିପଦ ସୃଷ୍ଟି କରୁଛି। ରାଜ୍ୟର ଅଗ୍ରଣୀ ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ବାଲିଘରର ୩୪ତମ ବାର୍ଷିକ ଉତ୍ସବରେ ରବିବାର ବକ୍ତାମାନେ ଏଭଳି ମନ୍ତବ୍ୟ ଦେଇଛନ୍ତି। ତିର୍ତ୍ତୋଲ ଥାନା ମୁଣ୍ଡିଦା ଗ୍ରାମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦୁଇଟି ଅଧିବେଶନ ହୋଇଥିଲା। ବାର୍ଷିକ ଉତ୍ସବ, କବିତା ପାଠୋତ୍ସବ ଓ ଆଲୋଚନାଚକ୍ରରେ ଅନୁଷ୍ଠାନର ସ୍ଥାୟୀ ସଭାପତି ଅଜୟ କୁମାର ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ମହେଶ୍ୱର ମହାନ୍ତି, ମୁଖ୍ୟବକ୍ତା କବି ପୀତାମ୍ବର ତରାଇ, ଉତ୍କଳ ସାହିତ୍ୟ ସମାଜର ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ, ଜଗତ୍‌ସିଂହପୁର ପରିଷଦର ପୂର୍ବତନ ଅଧ୍ୟକ୍ଷ ବିପ୍ଳବ, ନିତ୍ୟାନନ୍ଦ ଲେଙ୍କା, ସୁଧୀର କୁମାର ଖୁଣ୍ଟିଆ, ବୀରନାରାୟଣ ପାତ୍ର, ନିମାଇଁ ଚରଣ ସ୍ୱାଇଁ, ବିଜୟ କୁମାର ଖଟେଇ, ନିର୍ଲିପ୍ତ ଜେନା ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ବାଲିଘରର ବାର୍ଷିକ ସଂଖ୍ୟା ଓ ବାର୍ଷିକ ବିବରଣୀ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଚଳିତବର୍ଷର ବାଲିଘର ସାହିତ୍ୟ ସମ୍ମାନ- ୨୦୨୪ ଭାଷାବିତ ପ୍ରଫେସର ନଟବର ଶତପଥୀଙ୍କୁ ପ୍ରଦାନ କରାଯାଇଥିଲା। ବାଲିଘର କବିତା ସମ୍ମାନ ଶ୍ରୀହରି ଧଳ, ବାଲିଘର ଗଳ୍ପ ସମ୍ମାନ ସଦାନନ୍ଦ ତ୍ରିପାଠୀ, ଶିଶୁ ସାହିତ୍ୟିକ ସମ୍ମାନ ପ୍ରେମାନନ୍ଦ ନାୟକ, ବାଲିଘର ପ୍ରବନ୍ଧ ସମ୍ମାନ ଡ. ଭଗବାନ ପଟେଲ, ବାଲିଘର ଗୀତିକବିତା ସମ୍ମାନ ହଂସନାଥ ମୁଦୁଲି, ଶିଶୁ ସାହିତ୍ୟିକ ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ସମାଜସେବା ସମ୍ମାନ ସର୍ଜେଣ୍ଟ ଆଲୋକ କୁମାର ମହାପାତ୍ର, ଯୁବ ପ୍ରତିଭା ସମ୍ମାନ ପବିତ୍ର ବ୍ରହ୍ମପୁତ୍ର ନାୟକ, ବାଲିଘର ସମ୍ବର୍ଦ୍ଧନା ରମେଶ ଚନ୍ଦ୍ର ଦାସ, ବୈଷ୍ଣବ ଚରଣ ଗ୍ରହାଚାର୍ଯ୍ୟ, ଗୀତାଞ୍ଜଳି ସ୍ୱାଇଁଙ୍କୁ ପ୍ରଦାନ କରାଯାଇଥିଲା। ବାଲିଘରର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଡ.ସଂଗ୍ରାମ କିଶୋର ସ୍ୱାଇଁ, ଉଲ୍ଲାସ କୁମାର ସ୍ୱାଇଁ, ଦେବାଶିଷ ଲେଙ୍କା ଓ ଫକୀର ମୋହନ ସ୍ୱାଇଁ ପରିଚାଳନା କରିଥିଲେ।

### ଭାଜପା ପକ୍ଷରୁ ଘରେ ଘରେ ସଚେତନତା କାର୍ଯ୍ୟକ୍ରମ

ବାଲିକୁଦା,୧୧।୨(ତାପସ ସ୍ୱାଇଁ)

ବାଲିକୁଦା-ଏରସମା ଭାଜପା ପକ୍ଷରୁ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ଓ ମୋଦିଙ୍କ ଦେଶ ସେବା କରିବା ଉପରେ ଗ୍ୟାରେଣ୍ଟି ସମ୍ପର୍କରେ ଘରେ ଘରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲିକୁଦା ବ୍ଲକ ମରିଚପୁର ପଞ୍ଚାୟତର ପ୍ରତ୍ୟେକ ଗ୍ରାମରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଯୁବ ଭାଜପା ନେତା ଶଶିକାନ୍ତ ପରିଡା, ଭାଜପା ନାରୀ ନେତ୍ରୀ ନିରୁପମା ସ୍ୱାଇଁ, ନହରଣା ମଣ୍ଡଳ ସଭାପତି ବିଜୟ ଦାସ, ନିରଞ୍ଜନ ମହାନ୍ତିଙ୍କ ସମେତ ଶତାଧିକ ଭାଜପା କର୍ମୀ ଏହି ଯୋଜନାରେ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ।

# ରାଜ୍ୟ ସରକାରଙ୍କ ଯୋଜନାର ଫାଇଦା ନେବାକୁ ଆହ୍ୱାନ



ମଙ୍ଗରାଜପୁର ପଞ୍ଚାୟତରେ ବିଧାୟକ ସମ୍ବିତ ରାଉତରାୟ ଓ ମଞ୍ଚାସୀନ ଅତିଥିବୃନ୍ଦ।

କୁଜଙ୍ଗ/ପାରାଦୀପ,୧୧।୨
(ମନୋଜ ପ୍ରଧାନ/ଶରତ ରାଉତ )

**୨ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ**

କୁଜଙ୍ଗ ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ଓ ଭୂତମୁଣ୍ଡାଇ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଙ୍ଗରାଜପୁର ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ସହ ତାହାର ଫାଇଦା ନେବାକୁ ଆହ୍ୱାନ ଦେଇଥିଲେ । ଅନ୍ୟତମ ଅତିଥିଭାବେ ପୂର୍ବତନ ଏମ୍‌ପି ଡାକ୍ତର କୁଳମଣି ସାମଲ ଯୋଗଦେଇଥିଲେ। ସରପଞ୍ଚ ପ୍ରମୋଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନା ରାଣୀ ସାହୁ, ଉପାଧ୍ୟକ୍ଷ ଜ୍ଞାନଜିତ୍ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ପୁଷ୍ପଲତା ବେହେରା, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ସୁଡ଼ଳ ସ୍ୱାଇଁ, ଯୁବନେତା ପ୍ରଫୁଲ୍ଲ ପରିଡ଼ା, ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ମାନଭଞ୍ଜନ ମଲ୍ଲ, ପ୍ରମୁଖ ଯୋଗଦେଇ ଥିଲେ। ସେହିପରି ଭୂତମୁଣ୍ଡାଇ ସରପଞ୍ଚ ରୋହିତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ମୁଖ୍ୟ ଅତିଥି ରୂପେ କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ ଯୋଗଦେଇଥିଲେ । ଏଥିରେ ୧୨ ପଞ୍ଚାୟତ ସରପଞ୍ଚ, ବ୍ଲକ ଅଧ୍ୟକ୍ଷା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମାତ୍ର କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସମ୍ବିତ ରାଉତରାୟ ଅନୁପସ୍ଥିତ ଥିଲେ। ଏନେଇ ରାଜନୈତିକ ଚର୍ଚ୍ଚା ଜୋର ଧରିଛି। ଏସମ୍ପର୍କରେ ଭୂତମୁଣ୍ଡାଇ ସରପଞ୍ଚ ତଥା ଆୟୋଜକ ରୋହିତ କୁମାର ଜେନା କୁହନ୍ତି, ବିଧାୟକ ଆସିବେ ବୋଲି କଥା ଦେଇଥିଲେ। କିନ୍ତୁ ଅନ୍ୟ ପଞ୍ଚାୟତ ଗଲେ। ଏ ସମ୍ପର୍କରେ ବିଧାୟକ ରାଉତରାୟଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ମୋବାଇଲ୍ ଫୋନ ଉଠାଇ ନ ଥିଲେ।

# ଓଡ଼ିଆ ଭାଷା, କବିଙ୍କ ପଟାନ୍ତର ନାହିଁ

ପାରାଦୀପ,୧୧।୨(ଶରତ ରାଉତ)



କବିତା ପାଠୋତ୍ସବରେ ଅତିଥିଙ୍କ ଗହଣରେ ଶିଶୁ କବି ଶୁଭେନ୍ଦୁ ତ୍ରିପାଠୀ କବିତା ପାଠ କରୁଛନ୍ତି।

**ରାଜ୍ୟସ୍ତରୀୟ କବିତା ପାଠୋତ୍ସବ, ପୁସ୍ତକ ଉନ୍ମୋଚନ**

ପାରାଦୀପ ଉପକଣ୍ଠ କଲ୍ୟାଣ ମଣ୍ଡପ ପରିସରରେ ରବିବାର ରାଜ୍ୟସ୍ତରୀୟ କବିତା ପାଠୋତ୍ସବ, ସମ୍ବର୍ଦ୍ଧନା ପର୍ବ ଓ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନବପ୍ରତିଭାଙ୍କ ଅନ୍ତର୍ଦ୍ଦିଶାଳ ସାରସ୍ୱତ ପରିକ୍ରମା ଅନୁଷ୍ଠାନର ୨୭ ତମ ବାର୍ଷିକ ଉତ୍ସବ ଉପଲକ୍ଷେ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରଥମ ଅଧିବେଶନ ସଭାପତି ଗୋଲାପରାଣୀ ସାହୁଙ୍କ ଅଧ୍ୟକ୍ଷତାରେ ପରଦା ପତ୍ରିକା ସମ୍ପାଦକ ସରୋଜ କୁମାର ପଟ୍ଟନାୟକ ସଭାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ସଂଯୁକ୍ତା ତ୍ରିପାଠୀ, ଶ୍ରୀମନ ନାରାୟଣ ମିଶ୍ର, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଡା. ଦେବଦତ୍ତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଶତାଧିକ କବୟିତ୍ରୀ ଓ କବି କବିତା ପାଠ କରିଥିଲେ। ସେଥିରେ ପାରାଦୀପଗଡ ନୂନ ଗ୍ରାମର ୫ ବର୍ଷର ଶିଶୁ ଶୁଭେନ୍ଦୁ ତ୍ରିପାଠୀଙ୍କ କବିତା ପାଠ କରିବା ସମସ୍ତଙ୍କ ପାଇଁ ଆକର୍ଷଣ ଥିଲା। ଦ୍ୱିତୀୟ ଅଧିବେଶନ ଆଲୋଚନାଚକ୍ରରେ ଅତିଥିଭାବେ ପୂର୍ବତନ ଏମପି ଡା. ପ୍ରସନ୍ନ ପାଟଶାଣୀ, ପ୍ରାବନ୍ଧିକ ପ୍ରଭାତ କୁମାର ନନ୍ଦ, ଗାଳ୍ପିକ ରବି ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଆ ଭାଷା ସାହିତ୍ୟ ଅତି ପ୍ରାଚୀନ। ଜାତି ବାଦ ଉପରେ ଆମେ ସାବିତ୍ରୀ ବାଈ ଫୁଲେଙ୍କୁ ମନେ ପକାଉଛେ। କିନ୍ତୁ ଆମର ବଳରାମ ଦାସ ଲକ୍ଷ୍ମୀ ପୁରାଣରେ ହଜାରେ ବର୍ଷ ଆଗରୁ ସେ ବିଷୟରେ ଲେଖିଛନ୍ତି ବୋଲି ମୁଖ୍ୟ ଅତିଥି ପଟ୍ଟନାୟକ କହିଥିଲେ। କାର୍ଯ୍ୟକ୍ରମକୁ ସୁବାସ ସେନାପତି, ରମେଶ ଚନ୍ଦ୍ର ତ୍ରିପାଠୀ, ରବୀନ୍ଦ୍ର ଦାସ ପ୍ରମୁଖ ପରିଚାଳନା କରିଥିଲେ।







ଆଦର୍ଶ ଗ୍ରାମ ଚଢ଼େଇମରାରେ ଅର୍ଦ୍ଧ ନିର୍ମିତ ମଣ୍ଡପ, ଠାକୁରାଣୀଙ୍କ ମନ୍ଦିର ନିର୍ମାଣ ପାଇଁ ଉଠିଥିବା ପିଲାର ଅଧାରେ ରହିଛି।



ସୁରୁକାବାଡ଼ି ଗାଁ।

# ଚଢ଼େଇମରା, ସୁରୁକାବାଡ଼ିବାସୀଙ୍କୁ ପ୍ରଶାସନର ଅଣଦେଖା

**ନୂଆଗାଁ, ୧୧।୨ (ଧନେଶ୍ୱର ସାହୁ)**

### ଅବହେଳିତ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସମ୍ପ୍ରଦାୟକ ଲୋକମାନଙ୍କ ହିତ ସାଧନ ପାଇଁ ସରକାର ଅନେକ ଅର୍ଥ ବ୍ୟୟ କରି ପଛୁଆ ବର୍ଗର ଲୋକଙ୍କୁ ସ୍ୱଚ୍ଛଳ କରିବାକୁ ସଂକଳ୍ପବଦ୍ଧ। ସରକାରଙ୍କ ସାମାଜିକ ସଶକ୍ତୀକରଣ ବିଭାଗ ପକ୍ଷରୁ ଅନୁସୂଚିତ ଜାତି ବର୍ଗର ଲୋକ ବସବାସ କରୁଥିବା ଗ୍ରାମକୁ ଆଦର୍ଶ ଗ୍ରାମ ଘୋଷଣା କରି ସେହି ଗ୍ରାମରେ ଥିବା ସମସ୍ୟା ସମାଧାନ କରିବା ସହ ଉନ୍ନତି ପାଇଁ ବହୁ ଅନୁଦାନ ଦେଉଛନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଘୋଷଣା କରାଯାଇଥିବା ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଉଦୟପୁର ପଞ୍ଚାୟତ ଚଢ଼େଇମରା ଓ ଗାଡେରୀ ପଞ୍ଚାୟତ ସୁରୁକାବାଡି ଗ୍ରାମ ଅବହେଳିତ ହୋଇ ରହିଥିବା ଅଭିଯୋଗ ହେଉଛି।

ଉଦୟପୁର ପଞ୍ଚାୟତ ଚଢେଇମରା ଗ୍ରାମରେ ପ୍ରାୟ ୫୫ ଟି ଅନୁସୂଚିତ ଜାତିର ପରିବାର ବସବାସ କରୁଥିବା ଗ୍ରାମକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଭାବେ ଘୋଷଣା କରି ତାହାର ବିକାଶ ପାଇଁ ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ଅନୁଦାନକୁ ପ୍ରଶାସନିକ ଅଧିକାରୀମାନେ ନିଜକୁ ସୁହାଇବା ଭଳି ଯୋଜନାରେ ଖର୍ଚ୍ଚ କରି ଅସମ୍ପୂର୍ଣ୍ଣ କାମକୁ ସ୍ଥାନୀୟ ବିଧାୟକଙ୍କ ଦ୍ୱାରା ଉଦ୍ଘାଟନ କରିବାକୁ ପ୍ରୟାସ କରିଥିବା ବେଳେ ଗ୍ରାମବାସୀ ତାହାକୁ ବିରୋଧ କରି ବିଧାୟକଙ୍କୁ ଫେରାଇ ଦେଇଥିଲେ। ଚଢ଼େଇମରା ଗ୍ରାମରେ ମଣ୍ଡପ ନିର୍ମାଣ କରାଯାଇଥିଲେ ମଧ ତାହା ଅଦ୍ୟାବଧି ପ୍ଲାଷ୍ଟର ନ ହୋଇ ପାରି ପଡ଼ି ରହିଛି। ସେହିପରି ଠାକୁରାଣୀ ମନ୍ଦିର ନିର୍ମାଣ ପାଇଁ ପିଲର ଅଧା ହୋଇ ରହିଛି। ଗ୍ରାମର ଅନେକ ଲୋକଙ୍କ ଘରେ ପାଇଖାନା ନିର୍ମାଣ କରାଯାଇନି। ଗାଁକୁ ଯିବା ରାସ୍ତା ଭାଙ୍ଗିରୁଜି ଯାଇଥିଲେ ମଧ ମରାମତି ହେଉନି। ଷ୍ଟ୍ରିଟ୍ ଲାଇଟ ଲାଗିଥିଲେ ମଧ ତାହା କାମ କରୁନି। ତେବେ ଆଗରୁ ଯାହା କାମ ହେଉଥିଲା କିନ୍ତୁ ଆଦର୍ଶ ଗ୍ରାମ ଘୋଷଣା ହେବା ପରେ ଗ୍ରାମରେ କୌଣସି ଉନ୍ନତିମୂଳକ କାର୍ଯ୍ୟ ହେଉନି ବୋଲି କ୍ଷୋଭର ସହ କହିଛନ୍ତି ୱାର୍ଡ ସଭ୍ୟ ବଳରାମ ନାୟକ, ପୂର୍ବତନ ୱାର୍ଡ ସଭ୍ୟ ତାରା ନାୟକ, ସୂର୍ଯ୍ୟମଣୀ ନାୟକ, ରାଜକିଶୋର ନାୟକଙ୍କ ସମେତ ସମସ୍ତ ଗ୍ରାମବାସୀ।

ଅନୁରୂପ ଭାବେ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମର ମାନ୍ୟତା ପାଇଥିବା ସୁରୁକାବାଡି ଗ୍ରାମରେ ନାନା ସମସ୍ୟା ଲାଗି ରହିଛି। ଗ୍ରାମରୁ ବର୍ଷା ଜଳ କିମ୍ବା ନଳକୂଅର ପାଣି ନିଷ୍କାସନ ପାଇଁ ଡ୍ରେନର ବ୍ୟବସ୍ଥା ନାହିଁ, ଗାଧୋଇବା ପାଇଁ ପୋଖରୀ ନିର୍ମାଣ ହୋଇଥିଲେ ମଧ ତାହା ପୁନରୁଦ୍ଧାର ନ ହୋଇ ପୋତି ହୋଇଯିବାରୁ ଲୋକେ ହଇରାଣ ହେଉଛନ୍ତି। ଅଚଳ ହୋଇ ପଡିଛି ଷ୍ଟ୍ରିଟ ଲାଇଟ୍, କୋଠଘର ଛାତରୁ ପାଣି ଗଳୁଥିବାରୁ ତାହା ମରାମତି କରିବା ଓ ସ୍କୁଲର ସୁରକ୍ଷା ଦୃଷ୍ଟିରୁ ପାଚେରି ନିର୍ମାଣ ପାଇଁ ଅଭିଯୋଗ ପରେ ପ୍ରତିଶ୍ରୁତି ମିଳିବାର ୫ ବର୍ଷ ବିତି ଯାଇଥିଲେ ମଧ ସେଥିପ୍ରତି ଅବହେଳା ଏବଂ ସରକାରଙ୍କ ରାଶନ ସାମଗ୍ରୀ ଯୋଗାଇବାରେ ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମନୋମୁଖୀ କାର୍ଯ୍ୟ ଯୋଗୁ ସୁରୁକାବାଡିବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଡିଓ ବାସୁଦେବ ନାୟକଙ୍କୁ ପଚାରିବାରେ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ୪୦୦ ଲିଟର ରନ୍ଧା ମଦ, ହଜାର ଲିଟର ପୋଚ ଜବତ

**ଦେଶୀମଦ ଭାଟି ଉପରେ ଚଢ଼ାଉ**

**ନୟାଗଡ଼,୧୧।୨(ଲୋକନାଥ ମିଶ୍ର)**

ନୟାଗଡ଼ ସଦର ଥାନା ପୋଲିସ ଗୁଡୁପାଙ୍ଗି ଜଙ୍ଗଲର ଦେଶୀ ମଦ ଭାଟି ଉପରେ ଚଢ଼ାଉ କରି ୪୦୦ ଲିଟର ରନ୍ଧା ମଦ ଜବତ କରିଛି। ସେହିପରି ୧ ହଜାର ଲିଟର ପୋଚ ଜବତ କରି ନଷ୍ଟ କରିଛି। ଏହି ଘଟଣାରେ ଗୁଡୁପାଙ୍ଗି ଗାଁର ପ୍ରଫୁଲ୍ଲ ପାଟଶାଣୀ(୫୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ



ପ୍ରଫୁଲ୍ଲଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଗୁଡୁପାଙ୍ଗି ଜଙ୍ଗଲରେ ବେଆଇନ ଭାବେ ଦେଶୀ ମଦ ତିଆରି ହେଉଥିବା ଅଭିଯୋଗ ହୋଇଆସୁଥିଲା। ଅଭିଯୋଗ ପାଇ ନୟାଗଡ଼ ସଦର ଥାନା ଆଇଆଇସି ଅନିତା ସାହୁ ଓ ତାଙ୍କ ଟିମ୍ ଚଢ଼ାଉ କରିଥିଲେ।

### ୫.୨୦୦ କେଜି ଗଞ୍ଜେଇ ଜବତ

**ନୟାଗଡ଼,୧୧।୨(ଲୋକନାଥ ମିଶ୍ର)**

ନୟାଗଡ଼ ଟାଉନ ଥାନା ପୋଲିସ ରବିବାର ୫କେଜି୨୦୦ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ବୌଦ୍ଧ ଜିଲା ବଡ଼ପାର ଗାଁର ପ୍ରକାଶ ନାୟକ(୨୪)ଙ୍କୁ ଗିରଫ କରିଛି। ପ୍ରକାଶ ଗଞ୍ଜେଇ ଧରି ଇଟାମାଟି ଅଞ୍ଚଳକୁ ଯିବାବେଳେ ଘଡୁଆଳଠାରେ ପୋଲିସ ଗଞ୍ଜେଇ ଜବତ କରିଥିଲା। ପ୍ରକାଶଙ୍କୁ ସୋମବାର କୋର୍ଟ ଚାଲାଣ କରାଯିବ। ଅନ୍ୟପକ୍ଷେ ପୋଲିସ ନଂ. ୪୭/୨୪ରେ ମାମଲା ରୁଜୁ କରି ତଦନ୍ତ କରୁଛି।

### ପୋଖରୀରେ ବୁଡ଼ି ୨ ଜଣଙ୍କ ମୃତ୍ୟୁ

**ଧରାକୋଟ/ବୁଗୁଡ଼ା,୧୧।୨ (ବିଷ୍ଣୁ କେଶରୀ ଆଚାର୍ଯ୍ୟ/କାଳି ପ୍ରସାଦ ଦାଶ)**

ଧରାକୋଟ ଓ ବୁଗୁଡ଼ା ବ୍ଲକରେ ପୋଖରୀରେ ବୁଡ଼ି ୨ ଜଣଙ୍କ ମୃତ୍ୟୁ ଘଟିଛି। ଧରାକୋଟ ବ୍ଲକ ବରଡ଼ାବାଲି ପଞ୍ଚାୟତ ପ୍ରତାପୁରର ନୀଳମଣି ବିଷୋୟୀ ଶନିବାର ପୋଖରୀକୁ ଶୌଚ ପାଇଁ ଆସି ନିଖୋଜ ଥିଲେ। ରବିବାର ଜଣେ ବାଳିକା ପାଣିରେ କେହିଜଣେ ଭାସୁଥିବା ଦେଖି ଲୋକଙ୍କୁ ଜଣାଇଥିଲେ। ଖବର ପାଇ ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି ଓ ବଡ଼ଗଡ଼ ଥାନା ଅଧିକାରୀ ସନ୍ଧ୍ୟାରାଣୀ ସିଂ ସେଠାରେ ପହଞ୍ଚିଥିଲେ। ମୃତଦେହ ଉଦ୍ଧାର ପରେ ତାହା ନୀଳମଣିଙ୍କର ବୋଲି ଜଣାପଡିଥିଲା। ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇଛି। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସେହିପରି ବୁଗୁଡ଼ା ଥାନା ଅନ୍ତର୍ଗତ ସୋଲଣ୍ଡି ଗ୍ରାମର ବୁଦ୍ଧିରାମ ପ୍ରଧାନ ଗାଁ ପୋଖରୀରେ ଗାଧୋଉଥିବା ବେଳେ ଅସାବଧାନତା ବଶତଃ ପାଣିରେ ବୁଡି ଯାଇଥିଲେ। ଆଖପାଖରେ ଥିବା ଲୋକେ ତାଙ୍କୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ. ୨/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଲକ୍ଷାଧିକ ଟଙ୍କା, ସୁନାଗହଣା ଚୋରି

**ବ୍ରହ୍ମପୁର,୧୧।୨(ସୁବାସ ଚନ୍ଦ୍ର ପାଢ଼ୀ)**

ସଦର ଥାନା ଅନ୍ତର୍ଗତ ସାତପାଣ୍ଡିଆ ଗ୍ରାମରେ ରହୁଥିବା କେ.ଆବୁଲ ରେଡ୍ଡୀଙ୍କ ଘରୁ ଲକ୍ଷାଧିକ ଟଙ୍କା ଓ ସୁନାଗହଣା ଚୋରି ହୋଇଛି। ଏ ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ସାଇଣ୍ଟିଫିକ ଟିମ ସହାୟତାରେ ଲୁଟିଆଙ୍କୁ ଧରିବା ପାଇଁ ତଦନ୍ତ ଚଳାଇଛି। କେ.ଆବୁଲ ପରିବାର ସହ ସାତପାଣ୍ଡିଆରେ ରୁହନ୍ତି। ଗତ ୯ତାରିଖ ରାତିରେ ଘରେ ସମସ୍ତେ ଶୋଇପଡିଥିଲେ। ବିଳମ୍ବିତ ରାତିରେ ସେ ପରିସ୍ରା ପାଇଁ ଉଠିବା ବେଳେ ଆଲମିରାରେ ଥିବା ସମସ୍ତ ଜିନିଷପତ୍ର ବିଛେଇ ହୋଇପଡିଥିବା ଦେଖିଥିଲେ। ଆଲମିରାରୁ ୧ ଲକ୍ଷ ୨୫ ହଜାର ଟଙ୍କା ଓ ୩୭ ଗ୍ରାମର ବିଭିନ୍ନ ପ୍ରକାର ସୁନା ଗହଣା ଗାଏବ ହୋଇଯାଇଥିବା ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୮୪/୨୪ରେ ମାମଲା ରୁଜୁ କରିଛି।

## ଅଗ୍ନିକାଣ୍ଡରେ ୨ ବଖରା ଭସ୍ମୀଭୂତ

**ଗଣିଆ,୧୧।୨**
**(ସନ୍ତୋଷ କୁମାର ପ୍ରଧାନ)**

ଗଣିଆ ତହସିଲ ଛାମୁଣ୍ଡିଆ ପଞ୍ଚାୟତ ଅଧୀନ ବେଠିଆସାହି ଗ୍ରାମରେ ରବିବାର ଅଗ୍ନିକାଣ୍ଡରେ ଛବି ବେହେରାଙ୍କର ୨ବଖରା ପୋଡି ଭସ୍ମୀଭୂତ ହୋଇଯାଇଛି। ଗ୍ରାମବାସୀ ଓ ଗଣିଆ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ କରିଥିଲେ ମଧ ଛବିଙ୍କ କୌଣସି ଜିନିଷ ବି ଉଦ୍ଧାର ହୋଇ ପାରି ନ ଥିଲା।

ମିଳିଥିବା ସୂଚନା ଅନୁଯାୟୀ, ରବିବାର ପୂର୍ବାହ୍ନ ୧୦ଟାରେ ଛବି ଘରର ସମସ୍ତ କାମ ସାରି ନିକଟସ୍ଥ ମହାନଦୀକୁ ଗାଧୋଇବାକୁ ଯାଇଥିଲେ। ତବେ ସେହି ସମୟରେ ହଠାତ ଘରେ ନିଆଁ ଲାଗିଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ତେବେ ବିଦ୍ୟୁତ୍ ଶର୍ଟସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଏଥିରେ ଘରର ସମସ୍ତ ଆସବାବ ପତ୍ର, ୨ କୁଇଣ୍ଟାଲ ଚାଉଳ, ସୁନାର ମଙ୍ଗଳସୂତ୍ର, ରୁପା ପାଉଁଜି, ୧ ଲକ୍ଷ ଟଙ୍କାର ନୂଆ ମାଛ ଧରା ଜାଲ, ୮ଟି ଛେଳି ଛୁଆ ସହ ଗତ କିଛି ଦିନ ତଳେ ପୁଅ ପଠାଇଥିବା ନଗଦ ୫୦ହଜାର ଟଙ୍କା ପୋଡି ପାଉଁଶ ହୋଇଯାଇଛି। ପରିବାରର ସମସ୍ତ ସଦସ୍ୟଙ୍କ ଆଧାର କାର୍ଡ, ରାଶନକାର୍ଡ, ଜମିପଟ୍ଟା, ବ୍ୟାଙ୍କ ପାସ୍‌ବୁକ ପରି ବିଭିନ୍ନ ଜରୁରୀ କାଗଜପତ୍ର ମଧ ପୋଡି ପାଉଁଶ ହୋଇଯାଇଛି। ତେବେ ଘରେ ଛବି ନିଜ ସାନପୁଅ ସହ ରହୁଥିବା ବେଳେ ଛବିଙ୍କ ସ୍ୱାମୀ ରମେଶ ବେହେରା ଚିଲିକା ମାଛ ମାରିବାକୁ ଯାଇଥିବାବେଳେ ବଡ଼ ପୁଅ ବାହରେ କାମ କରିବାକୁ ଯାଇଥିବା ଗ୍ରାମବାସୀଙ୍କଠାରୁ ସୂଚନା ମିଳିଛି। ଘଟଣାସ୍ଥଳରେ ଛାମୁଣ୍ଡିଆ ସରପଞ୍ଚଙ୍କ ପ୍ରତିନିଧି ଚିତ୍ତରଞ୍ଜନ ସାମଲ ପହଞ୍ଚି ବିପନ୍ନ ପରିବାରକୁ ସହାୟତା ପ୍ରଦାନ କରିଥିଲେ। ତେବେ ବିପନ୍ନ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।



ନିଆଁରେ ପୋଡି ଯାଉଥିବା ଘର।

## ଜଙ୍ଗଲ ସୁରକ୍ଷା ମହାସଂଘର କର୍ମକର୍ତ୍ତା ନିର୍ବାଚନ



କର୍ମକର୍ତ୍ତା ନିର୍ବାଚନରେ ଉପସ୍ଥିତ ସଦସ୍ୟମାନେ।

**ନୟାଗଡ଼,୧୧।୨( ଲୋକନାଥ ମିଶ୍ର)**

ନୟାଗଡ ଜଙ୍ଗଲ ସୁରକ୍ଷା ମହାସଂଘର ଏକ ଅଧିବେଶନ ସ୍ଥାନୀୟ ପୁରୁଣା ସହରର ହାତିଶଳ ମଠରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସର୍ବସମ୍ମତି ଭାବେ କର୍ମକର୍ତ୍ତା ନିର୍ବାଚନ ହୋଇଯାଇଛି। ସଭାପତି ଭାବେ ଶରତ ଚନ୍ଦ୍ର ନାୟକ, ସମ୍ପାଦକ ଭାବେ କିଶୋର ଚନ୍ଦ୍ର ଦଳବେହେରା ମନୋନୀତ ହୋଇଛନ୍ତି। ସେହିଭଳି କୋଷାଧକ୍ଷ ଶ୍ରୀବତ୍ସ ପଣ୍ଡା, ଉପସଭାପତି ରେଣୁବାଳା ପଣ୍ଡା ଓ କିଶୋର ଚନ୍ଦ୍ର ପାଣି, ସହସମ୍ପାଦିକା ରେଣୁବାଳା ପ୍ରଧାନ ନିଯୁକ୍ତି ହୋଇଛନ୍ତି। ଅନ୍ୟପକ୍ଷେ ଉପଦେଷ୍ଟାମଣ୍ଡଳୀକୁ ଦାମୋଦର ସାହୁ, ଗୋପୀନାଥ ପ୍ରଧାନ, ଭଗବାନ ସାହୁ, ନିତ୍ୟାନନ୍ଦ ପ୍ରଧାନ, କୈଳାସ ଚନ୍ଦ୍ର ସାହୁ ମନୋନୀତ ହୋଇଛନ୍ତି। ଜିଲାରେ ଜଙ୍ଗଲ ସୁରକ୍ଷାକୁ ଅଧିକ କ୍ରିୟାଶୀଳ କରିବାକୁ ସହମତି ପ୍ରକାଶ ପାଇଛି।

## ପ୍ରେମିକାଙ୍କ ଘର ଆଗରେ ପ୍ରେମିକଙ୍କ ଆତ୍ମହତ୍ୟା

**ନୟାଗଡ଼,୧୧।୨(ଲୋକନାଥ ମିଶ୍ର)**

### ବିବାହ କରିବାକୁ ଅରାଜି ହେବାରୁ ବିଷ ପିଇଲେ

ଇଟାମାଟି ଥାନା ଖଇରପଟି ଗାଁରେ ଜଣେ ପ୍ରେମିକାଙ୍କ ଘର ସମ୍ମୁଖରେ ପ୍ରେମିକ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ହେଲେ ସୌଭାଗ୍ୟବନ୍ତ ମାନସିଂହ (୨୪)। ଘର ଇଟାମାଟି ଥାନାର ବିରୁଡାରେ। ଏଭଳି ଘଟଣା ଜଣାପଡିବା ପରେ ଗାଁରେ ଶୋକର ଛାୟା ଖେଳି ଯାଇଛି। ବିରୁଡା ଗାଁର ସୌଭାଗ୍ୟବନ୍ତ ଖଇରପଟି ଗାଁର ଜଣେ ଯୁବତୀଙ୍କୁ ଭଲ ପାଇଥିଲେ। ଉଭୟ ପରସ୍ପରକୁ ବିବାହ କରିବାକୁ ଶପଥ ନେଇଥିଲେ। ତେବେ ପ୍ରେମିକାଙ୍କ ବିବାହ ଚଳିତ ମାସ ୧୮ ତାରିଖରେ ହେବା ପାଇଁ ଠିକ୍ ହୋଇଯାଇଥିଲା। ସୌଭାଗ୍ୟବନ୍ତ ବିବାହ ଜାଣିପାରି ଶନିବାର ପ୍ରେମିକାଙ୍କ ଘର ସମ୍ମୁଖରେ ପହଞ୍ଚି ଥିଲେ। ଆମେ କେବେ ବିବାହ ହେବା ପଚାରି ଥିଲେ। ଘର ଲୋକଙ୍କ ପସନ୍ଦ ଅନୁସାରେ ୧୮ ତାରିଖରେ ବିବାହ କରିବାକୁ ପ୍ରେମିକା କହିବା ପରେ ସୌଭାଗ୍ୟବନ୍ତ ବିଷ ପିଇ ଦେଇଥିଲେ। ସୌଭାଗ୍ୟବନ୍ତଙ୍କୁ ଗୁରୁତର ଅବସ୍ଥାରେ ଏମ୍‌ସରେ ଭର୍ତ୍ତି କରାଯାଇଥିଲା। ଶନିବାର ସୌଭାଗ୍ୟବନ୍ତଙ୍କ ମୃତ୍ୟୁ ହୋଇଯାଇଛି। ଅଭିଯୋଗ ପରେ ଇଟାମାଟି ଥାନା ପୋଲିସ ନଂ. ୪୯/୨୪ରେ ମାମଲା କରି ଘଟଣାର ତଦନ୍ତ କରୁଛି।

### କାର ଧକ୍କାରେ ସ୍କୁଟି ଚାଳକ ମୃତ, ୪ ଗୁରୁତର

**ନୟାଗଡ଼,୧୧।୨(ଲୋକନାଥ ମିଶ୍ର)**

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ପଣ୍ଡୁସର ବ୍ରିଜ ନିକଟରେ ରବିବାର ଅପରାହ୍ନ ୫ଟାରେ କାର ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପଙ୍କଜ ପ୍ରଧାନ(୩୫)। ଘର ଇଟାମାଟି ଥାନାର ନୂଆ ବିଜିପୁର ଗାଁରେ। ଅନ୍ୟପକ୍ଷେ ୪ଜଣ ଆହତ ହୋଇଛନ୍ତି। ନୂଆ ବିଜିପୁର ଗାଁର ପଙ୍କଜ ସୋମବାର ପୁଅର ଜନ୍ମ ଦିନ ଭୋଜି ପାଇଁ ରବିବାର ଅପରାହ୍ନରେ ସ୍କୁଟି ଯୋଗେ ଇଟାମାଟି ବଜାରକୁ ପରିବା କିଣିବାକୁ ଯାଉଥିଲେ। ପଙ୍କଜଙ୍କ ସହ ଗାଁର ସାଧୁ ପ୍ରଧାନ(୬୦) ଥିଲେ। ଏହି ସମୟରେ ମହାରାଷ୍ଟ୍ରର ଏକ ପରିବାର କାର ଯୋଗେ ଭୁବନେଶ୍ୱର ଯାଉଥିଲେ। ପଣ୍ଡୁସର ବ୍ରିଜ ନିକଟରେ କାରଟି ସ୍କୁଟି ଉପରେ ଚଢ଼ି ଯାଇ ଲେଉଟି ପଡିଥିଲା। ସ୍କୁଟିରେ ଥିବା ୨ ଜଣ ଓ କାରର ୩ଜଣ ଏପରି ୫ଜଣ ଆହତ ହୋଇଥିଲେ। ଆହତମାନଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଆହତମାନଙ୍କୁ ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ଏମସ୍‌ରେ ପଙ୍କଜଙ୍କ ମୃତ୍ୟୁ ହୋଇଛି। ପଙ୍କଜଙ୍କ ମୃତ୍ୟୁ ପରେ ହସଖୁସିର ପରିବାରରେ ଦୁଃଖର ଛାୟା ଖେଳି ଯାଇଛି। ଏ ନେଇ ଇଟାମାଟି ଥାନା ଆଇଆଇସି ଦିଲୀପ ସ୍ୱାଇଁ କୁହନ୍ତି, କାର ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି। ୪ଜଣ ଆହତ ହୋଇଛନ୍ତି। ତେବେ ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିଲେ ମଧ ପୋଲିସ ଘଟଣାର ତଦନ୍ତ କରୁଛି।

## ଭାଗବତ ପାରାୟଣ ସପ୍ତାହ ଯଜ୍ଞ ଆରମ୍ଭ

**ଖଣ୍ଡପଡ଼ା,୧୧।୨**
**(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ ଅଧୀନ ସିଂଘାପଡା ପଞ୍ଚାୟତର ବେଡାଙ୍କି ଗ୍ରାମର ଆରାଧ୍ୟା ମା' ବନଦୁର୍ଗାଙ୍କ ପୀଠରେ ଭାଗବତ ପାରାୟଣ ଓ ସପ୍ତାହ ଯଜ୍ଞ ରବିବାରଠାରୁ ଆରମ୍ଭ ହୋଇଛି। ମହିଳାପୁରୁଷମାନେ କଳସ ଯାତ୍ରା ଗ୍ରାମ ପରିକ୍ରମା କରି ମନ୍ଦିର ସମ୍ମୁଖସ୍ଥ ଯଜ୍ଞ ମଣ୍ଡପ ସ୍ଥାପନ କରିଥିଲେ। ଦୁର୍ଗାମାଧବ ଆଶ୍ରମର ସାଧୁ ବାବା ପ୍ରକାଶ ଚନ୍ଦ୍ର ଦାଶ ଓ ପ୍ରଭାତ ଦାଶଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମା'ଙ୍କ ମନ୍ଦିର ପରିସରରେ ସମସ୍ତ ମାଙ୍ଗଳିକ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଅବସରରେ ଅଧିବାସ, ସୂର୍ଯ୍ୟପୂଜା ଓ ଅଗ୍ନି ସ୍ଥାପନ କରାଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଛି। ବିଭିନ୍ନ ଦିନରେ ସାମାଜିକ ଓ ପୌରାଣିକ ନାଟକ ମଞ୍ଚସ୍ଥ ସହ ଆସନ୍ତା ୧୭ ତାରିଖରେ ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟ ଅନୁଷ୍ଠିତ ହେବ ବୋଲି ବେଡାଙ୍କି ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ।



ଯଜ୍ଞ ପାଇଁ ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

## ଫାଇନାଲରେ ରାକା କ୍ରିକେଟ କ୍ଲବ କଟକ

### ଖଳିସାହି ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ

**ଖଣ୍ଡପଡ଼ା,୧୧।୨**
**(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ବଡ଼ପଡ଼ିଆରେ ୟୁନାଇଟେଡ୍ ସ୍ପୋର୍ଟସ୍ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଖଳିସାହି କପ ରାଜ୍ୟସ୍ତରୀୟ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ କଟକ ରାକା କ୍ରିକେଟ୍ କ୍ଲବ ଢେଙ୍କାନାଳକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ କଟକ ଦଳ ଟସ୍ ଜିତି ବ୍ୟାଟିଂର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୮୬ ରନ୍ ସଂଗ୍ରହ କରିଥିଲା। ଜବାବରେ ଢେଙ୍କାନାଳ ଟିମ୍ ୨୦ ଓଭରରେ ୭ ଉଇକେଟ୍ ହରାଇ ୨୪୮ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ କଟକ ଟିମ୍ ପକ୍ଷରୁ ରଜତ ବିକାଶ ବ୍ୟକ୍ତିଗତ ଭାବେ ୩୬ଟି ବଲରେ ୫ଟି ଛକା ଓ ୭ଟି ଚୌକା ସହାୟତାରେ ୭୩ ରନ ସଂଗ୍ରହ କରି ଦଳକୁ ବିଜୟୀ କରିବା ସହ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ରବି ନାରାୟଣ ମିଶ୍ର ଓ ଅଜୟ କୁମାର ସାହୁ ଖେଳକୁ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲା ବିଜେଡି ଉପସଭାପତି ଗୟାଧର ପରିଡା ଓ ସୀତା ସ୍ୱାଇଁ ଯୋଗଦେଇଥିଲେ। ଶିକ୍ଷାବିତ୍ ଗୌରାଙ୍ଗ ଚରଣ ସେଠୀ ସ୍କୋର ବୋର୍ଡ ଦାୟିତ୍ୱରେ ଥିବା ବେଳେ ଦୀପକ ରଞ୍ଜନ ସାହୁ ଓ କଳ୍ପତରୁ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଙ୍ଗଳବାର ପାୱାର କିଙ୍ଗ ବାଙ୍କୀ ଏବଂ କଟକ ରାକା କ୍ରିକେଟ କ୍ଲବ ମଧରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସଭାପତି ଶରତ କୁମାର ସାହୁଙ୍କଠାରୁ ସୂଚନା ମିଳିଛି।



ଖେଳରେ ଯୋଗଦେଇଥିବା ଅତିଥିମାନେ।

ଓଲାଶୁଣୀ ଗୁମ୍ଫା ମେଳା

# ରବିବାର ପାଇଁ ଭିଡ଼ ବଢ଼ିଲା


ମେଳା ଯୋଗୁ ଜାତୀୟ ରାଜପଥ ଜାମ୍ ।


ମୁସଲମାନ ମହିଳାମାନେ ଓଲାଶୁଣୀ ଗୁମ୍ଫାମେଳାରୁ ବିଭିନ୍ନ ସାମଗ୍ରୀ କିଣୁଛନ୍ତି ।

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୧୧।୨ (ପ୍ରଦୀପ୍ତ କୁମାର ପୃଷ୍ଟି/ ଗିରିଜା ପ୍ରସାଦ ସାହୁ):

ପ୍ରସିଦ୍ଧ ଓଲାଶୁଣୀ ଗୁମ୍ଫା ମେଳା ୬ଷ୍ଠ ଦିନରେ ପହଞ୍ଚିଛି। ତେବେ ରବିବାର ଥିବାରୁ ଶ୍ରଦ୍ଧାଳୁଙ୍କ ଭିଡ଼ ବଢ଼ିଛି। ଅପରାହ୍ନ ୨ଟା ପରେ ମେଳା ପଡ଼ିଆକୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ଫଳରେ ଚଣ୍ଡିଖୋଲ-ପାରାଦୀପ ୫୩ନଂ. ଜାତୀୟ ରାଜପଥରୁ ମେଳା ପଡିଆ ପର୍ଯ୍ୟନ୍ତ ରାସ୍ତା ସମ୍ପୂର୍ଣ୍ଣ ଜାମ୍ ହୋଇ ଯାଇଥିଲା। ଲଳିତଗିରି ପଟୁ ଆସିଥିବା ରାସ୍ତା ମଧ୍ୟ ସମ୍ପୂର୍ଣ୍ଣ ଭିଡ଼ ରହିଥିଲା। ଏଥିପାଇଁ ପୋଲିସକୁ ଟ୍ରାଫିକ ନିୟନ୍ତ୍ରଣ କରିବା କଷ୍ଟକର ହୋଇ ପଡ଼ିଥିଲ। ଜାତୀୟ ରାଜପଥଠାରୁ ୪ ଚକିଆ ଯାନକୁ ପୋଲିସ ବାଧ୍ୟ ହୋଇ ବନ୍ଦ କରିଥିଲା। ଓଲାଶୁଣୀ ମେଳା ପଡ଼ିଆକୁ ଆସିବାକୁ ଥିବା ତ୍ରିଛକିଠାରୁ ମୋଟର ସାଇକେଲ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ମା'ଓଲାଶୁଣୀଙ୍କ ପଟୁ ଗୋବରୀ ନଦୀ କୂଳ ଦେଇ ଆସୁଥିବା ଯାତ୍ରୀମାନେ ଚାଲିଚାଲି ଆସୁଥିବା ଦେଖିବାକୁ ମିଳିଥିଲା।


ଓଲାଶୁଣି ମେଳାରେ ଲୋକଙ୍କ ଭିଡ଼ ।

ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସକୁ ସହଯୋଗ କରୁଥିବା ପରିଲକ୍ଷିତ ହୋଇଛି।

### ସର୍ବଧର୍ମ ସମନ୍ୱୟ ପୀଠସ୍ଥଳୀ

ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ମଧ୍ୟରେ ଜାତି, ଧର୍ମ ଓ ବର୍ଣ୍ଣକୁ ନେଇ କୌଣସି ଭେଦଭାବ ନ ଥିଲା। ସେଥିପାଇଁ ଏହି ମେଳାକୁ ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିୟାନ ଧର୍ମାବଲମ୍ବୀମାନେ ମଧ୍ୟ ଆସିଥାନ୍ତି। ମେଳା ପରିସରରେ ବହୁ ସଂଖ୍ୟାରେ ମୁସଲମାନ ମହିଳା ବୁଲୁଥିବା ପରିଲକ୍ଷିତ ହୋଇଛି। ସେମାନେ ଓଲାଶୁଣୀ ପାହାଡ଼ ପାଦଦେଶରୁ ଶୀର୍ଷ ଦେଶ ପର୍ଯ୍ୟନ୍ତ ଚାଲିଚାଲି ଯିବା ସହ ମେଳା ପଡିଆରେ ବିଭିନ୍ନ ସାମଗ୍ରୀ କିଣା କିଣି କରୁଥିବା ଦେଖାଯାଇଛି। ଏହାପରେ ପିଲାମାନଙ୍କୁ ଧରି ଦୋଳି ଖେଳିବା ଓ ରିଲ୍ସ ମଧ୍ୟ କରିଛନ୍ତି।

### ଅପେରା ପାର୍ଟିରେ ଗଣ୍ଡଗୋଳ

ମେଳା ୬ଷ୍ଠ ଦିନରେ ପହଞ୍ଚିଥିବା ବେଳେ ମେଳା ପଡିଆରେ ୪ ଅପେରା ପାର୍ଟି ସେମାନଙ୍କ ଯାତ୍ରା ପରିବେଷଣ କରୁଛନ୍ତି। ଅପେରା ଦେଖିବାକୁ ଲୋକଙ୍କ ଆଗ୍ରହ କମୁଥିବା ଯୋଗୁ କେତେକ ଅପେରା ପାର୍ଟି ଆଇଟମ ଗାର୍ଲ ଆଣି ନଚେଇବା ଆରମ୍ଭ କରିଛନ୍ତି। ଶନିବାର ରାତିରେ ଧଉଳି ଗଣନାଟ୍ୟରେ ଜଣେ ଆଇଟମ ଗାର୍ଲ ନୃତ୍ୟ କରିବା ସମୟରେ ଦର୍ଶକମାନେ ମଞ୍ଚ ଉପରକୁ ଚେୟାର ଫୋପାଡି ଥିଲେ। ଏପରି କି କିଛି ଦର୍ଶକ ମଞ୍ଚ ଉପରକୁ ଉଠି ହୋହଲ୍ଲା କରିଥିଲେ। ବାଲିଚନ୍ଦ୍ରପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପରେ ଯାତ୍ରା ପରିବେଷଣ କରାଯାଇଥିଲା।

### ଥିଲେ ଦିଅ ନ ଥିଲେ ନିଅ:

ମହାବାହୁ ଟ୍ରଷ୍ଟ(ଓଡ଼ିଶା) ସେବା ସଂଗଠନ ପକ୍ଷରୁ ଏକ ଷ୍ଟଲ ଖୋଲାଯାଇଛି। 'ଏହାର ସ୍ଲୋଗାନ ରହିଛି ଥିଲେ ଦିଅ ନ ଥିଲେ ନିଅ'। ଏହି ଷ୍ଟଲରେ ସ୍ୱେଚ୍ଛାସେବୀମାନେ ଆସୁଥିବା ଶ୍ରଦ୍ଧାଳୁଙ୍କୁ ସେବା ଓ ଚିକିତ୍ସା ଯୋଗାଇଦେବା ସହ ନୂତନ ଏବଂ ପୁରାତନ ବସ୍ତ୍ର ଦେଉଛନ୍ତି। ଯେଉଁମାନଙ୍କ ପାଖରେ ବଳକା ବସ୍ତ୍ର ଅଛି ସେମାନଙ୍କଠାରୁ ଏହି ଅନୁଷ୍ଠାନ ନୂତନ ଓ ପୁରାତନ ବସ୍ତ୍ର ଗ୍ରହଣ କରି ଆବଶ୍ୟକ ଥିବା ଶ୍ରଦ୍ଧାଳୁଙ୍କୁ ଦେଉଛନ୍ତି। ଏହାଛଡ଼ା ଦୂର ଦୁରାନ୍ତରୁ ଆସିଥିବା ଶ୍ରଦ୍ଧାଳୁଙ୍କୁ ପ୍ରସାଦ ମଧ୍ୟ ଯୋଗାଇ ଦିଆଯାଉଛି। ଅନୁଷ୍ଠାନ ସଭାପତି ଶିବ ପ୍ରସାଦ ସାମଲ ଓ ତାଙ୍କର ଅନୁଗାମୀ ୧୧ ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲୁରଖିବେ ବୋଲି ଅନୁଷ୍ଠାନ ତରଫରୁ ସୂଚନା ମିଳିଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଜୟା


@ ଶିବାନୀ


@ କୃଷ୍ଣ


@ ମୃତ୍ୟୁଞ୍ଜୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଲେଖିବା ହେଉଛି ଲେଖକଙ୍କ କର୍ତ୍ତବ୍ୟ, ଛପାକୁ ଦୃଷ୍ଟି ଦିଅନାହିଁ

### ପରାଗ ସାହିତ୍ୟ ସଂସଦର ୪୨ତମ ବାର୍ଷିକ ଉତ୍ସବ

ଆଳି, ୧୧।୨ ( ବନମାଳୀ ସେନାପତି)

ଲେଖକର କର୍ତ୍ତବ୍ୟ ହେଉଛି ସେ ଲେଖିବା, ଲେଖା ଛପାଯିବ କି ନାହିଁ ସେଥିପାଇଁ ଦୃଷ୍ଟି ନ ଦେଇ ସେ ଲେଖିଚାଲିବା ଉଚିତ ବୋଲି ପରାଗ ସାହିତ୍ୟ ସଂସଦର ୪୨ତମ ବାର୍ଷିକ ଉତ୍ସବରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ରବିବାର ଆଳି ବ୍ଲକ ଅନ୍ତର୍ଗତ ମେଣ୍ଟପୁର ଗ୍ରାମ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବରେ ପରାଗ ସାହିତ୍ୟ ସଂସଦର ସଭାପତି ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ଗାଳ୍ପିକ ଇଂ. ଅଜୟ କୁମାର ମହାପାତ୍ର ଯୋଗଦେଇ କହିଥିଲେ ଯେ, ଲେଖା କିଏ ଛାପିବ ନ ଛାପିବ ଲେଖକ ସେଥିପ୍ରତି ଦୃଷ୍ଟି ଦେବା ଉଚିତ ନୁହେଁ। ଲେଖିବା ଲେଖକଙ୍କ କର୍ତ୍ତବ୍ୟ। ସେ ବେଳେ ବେଳେ ଏମିତି ଲେଖା ଲେଖିବ ଯେ ତାହା ଦିନେ କାଳଜୟୀ ଲେଖା ଭାବେ ଲୋକଲୋଚନକୁ ଆସିବ। ପୁରସ୍କାର ପଛରେ କିମ୍ବା ଛାପା ଅକ୍ଷରରେ ନିଜ ନାମକୁ ନ ଖୋଜି ଲେଖନୀ ଚାଳନାକୁ ଚଳଚଞ୍ଚଳ କରିବା ଜଣେ ଲେଖକର ଧ୍ୟେୟ ହେବା ବାଞ୍ଛନୀୟ। ମୁଖ୍ୟ ଅତିଥି ଭାବେ କବି ତଥା ପାହାଚ ପତ୍ରିକାର ସମ୍ପାଦକ କମଳ କୁମାର ମହାନ୍ତି ଗ୍ରାମାଞ୍ଚଳରେ ସାହିତ୍ୟ ଅଧିକ ଋଦ୍ଧିମନ୍ତ। 'ପରାଗ' ପରି ଅନେକ ପତ୍ରିକା ଗ୍ରାମାଞ୍ଚଳରୁ ପ୍ରକାଶିତ ହେଉଥିଲେ ବି ସେଗୁଡିକ ଉଚ୍ଚାଙ୍ଗ ସାହିତ୍ୟ ପତ୍ରିକାର ମାନ୍ୟତା ପାଉଛନ୍ତି। ସମ୍ମାନିତ ଅତିଥି ଭାବେ ପକ୍ଷୀଘର ସାହିତ୍ୟ ପତ୍ରିକା ପ୍ରକାଶନ ସଂସ୍ଥାର ମୁଖ୍ୟ ବନୋଜ ତ୍ରିପାଠୀ କହିଥିଲେ, ସାହିତ୍ୟିକମାନେ ଅଧିକ ନ ଲେଖି ସମାଜର ସାମ୍ପ୍ରତିକ ଅବସ୍ଥାକୁ ନେଇ ଲେଖିବା ଦରକାର। ଯାହା ଶହେ ବର୍ଷ ପରେ ବି ସମସ୍ତଙ୍କୁ ଚମତ୍କୃତ କରି ପାରିବ। ସମ୍ମାନିତ ଅତିଥି ଭାବେ ଗାଳ୍ପିକ ପ୍ରଦୀପ ନାୟକ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଗାଳ୍ପିକା ଡ. ମମତାମୟୀ ଚୌଧୁରୀଙ୍କୁ ସ୍ୱତନ୍ତ୍ର ପରାଗ ସମ୍ମାନ, ଗାଳ୍ପିକ ଚନ୍ଦ୍ର ମୋହନ ମହାପାତ୍ରଙ୍କୁ ପରାଗ ଗଳ୍ପ ସମ୍ମାନ, ରାଜୀବ ଗୋପାଳ ସ୍ୱାଇଁଙ୍କୁ ପରାଗ ଗଳ୍ପ ସମ୍ମାନ, ଡ. ଲଲାଟେନ୍ଦୁ ସାହୁଙ୍କୁ ପରାଗ ଉପନ୍ୟାସ ସମ୍ମାନ, କବି କିଶୋର ମିଶ୍ରଙ୍କୁ ପରାଗ କବିତା ସମ୍ମାନ, ଗୀତିକବି ବିପିନ ମହାନ୍ତିଙ୍କୁ ପରାଗ ଗୀତିକବି ସମ୍ମାନ, କବି ଉମାକାନ୍ତ ରାଉତ ଓ ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟଙ୍କୁ ପରାଗ ସଫଳ ସାହିତ୍ୟିକ ସମ୍ମାନ ଓ ସନିଭା ମିଶ୍ର ଦାଶଙ୍କୁ ପରାଗ ବଣମଲ୍ଲୀ ସମ୍ମାନରେ ଅତିଥିମାନେ ମାନପତ୍ର, ଉତ୍ତରୀୟ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଦ୍ୱିତୀୟ ଅଧିବେଶନରେ ରାଜ୍ୟସ୍ତରୀୟ ଏକ କବିତା ପାଠୋତ୍ସବ କବି ଅଶୋକ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି କବି ଭାବେ ଖଗେଶ୍ୱର ମହତାବ, ଖଗେଶ୍ୱର ମହାନ୍ତି, ସଚ୍ଚିଦାନନ୍ଦ ମିଶ୍ର, ସୁରଞ୍ଜନ ପାତ୍ର, ଯୋଗେନ୍ଦ୍ର ନାୟକ, ଡ. ଅଜୟ କୁମାର ପଣ୍ଡା, ମିଳନ ମିଶ୍ର, ଲାବଣ୍ୟ ନାୟକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଏହି କବିତାକୁ କବି ଶୈଳେନ୍ଦ୍ର ନାଥ ଦାସ ଓ କବି ନିରଞ୍ଜନ ବେହେରା ସଂଯୋଜନା କରିଥିଲେ। ସମ୍ପାଦକ ବନମାଳୀ ସେନାପତି ସମ୍ପାଦକୀୟ ବିବରଣୀ ପାଠ କରିବା ସହ ସ୍ୱାଗତ ଅଭିଭାଷଣ ରଖିଥିଲେ। ତୃପ୍ତିରେଖା ସ୍ୱାଇଁ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। କବି ଅମୂଲ୍ୟ ବେହେରା କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଦେଇଥିଲେ।


ବାର୍ଷିକ ଉତ୍ସବରେ ଅତିଥିମାନେ ସାହିତ୍ୟିକମାନଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରୁଛନ୍ତି ।

## ନଦୀରୁ ଯୁବକଙ୍କ ମୃତଦେହ ଜବତ

ପଟ୍ଟାମୁଣ୍ଡାଇ/ଆଳି, ୧୧।୨
(କଳ୍ପତରୁ ନାୟକ/ବନମାଳୀ ସେନାପତି )

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଓ ଆଳି ଥାନାର ସଂଯୋଗସ୍ଥଳୀ ପତ୍ରପୁର ପୋଲ ଉପରୁ ଜଣେ ଅଜଣା ଯୁବକ ୭ ତାରିଖରେ ବ୍ରାହ୍ମଣୀ ନଦୀ ମଧ୍ୟକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହି ଖବର ମିଳିବା ପରେ ଅଗ୍ନିଶମ ବାହିନୀ କର୍ମଚାରୀମାନେ ବୋଟ ସାହାଯ୍ୟରେ ବ୍ରାହ୍ମଣୀ ନଦୀ ମଧ୍ୟରେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ସମ୍ପୃକ୍ତ ଯୁବକଙ୍କ କୌଣସି ପତ୍ତା ପାଇ ନ ଥିଲେ। ରବିବାର ସକାଳୁ ନିମପୁର ଘାଟ ନିକଟ ବ୍ରାହ୍ମଣୀ ନଦୀରେ ଅଜଣା ମୃତଦେହ ଭାସୁଥିବାର ଦେଖିବାକୁ ମିଳିଥିଲା। ତେବେ ଗତ ୩ ଦିନ ପୂର୍ବରୁ ପତ୍ରପୁର ପୋଲ ଉପରୁ ବ୍ରାହ୍ମଣୀ ନଦୀକୁ ଡ଼େଇଁ ପଡ଼ିଥିବା ଯୁବକଙ୍କ ମୃତଦେହ ବୋଲି ଗ୍ରାମବାସୀ ସନ୍ଦେହ କରି ପଟ୍ଟାମୁଣ୍ଡାଇ ଥାନା ଓ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ରଞ୍ଜିତ କୁମାର ମହାନ୍ତି ଓ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ମୃତ ଯୁବକଙ୍କ ପରିଚୟ ଏ ଯାଏ ମିଳିପାରିନାହିଁ। ଆଜକୁ ଘଟଣା ଘଟିବାର ୩ଦିନ ବିତି ଯାଇଥିଲେ ମଧ୍ୟ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

## ବଜାରରେ ଦେଶୀ ରଙ୍ଗବେରଙ୍ଗ କୋବି

### ଆଗ୍ରହରେ କିଣିଲେ ଗ୍ରାହକ

କାଳିଆପାଣି,୧୧।୨(ଅସିତ ମହାନ୍ତ):

ବଜାରରେ ଏବେ ଦେଶୀ ଫୁଲ କୋବି ରଙ୍ଗବେରଙ୍ଗର ମିଳିବା ଆରମ୍ଭ ହୋଇଛି। ଏହାକୁ ଲୋକେ ପ୍ରତିଯୋଗିତା ମୂଳକ ଭାବେ କିଣୁଛନ୍ତି। ଏହାର ସ୍ୱାଦ ନିଆରା ବୋଲି ଗ୍ରାହକମାନେ ପ୍ରକାଶ କରିଛନ୍ତି। ଯାଜପୁର ଜିଲା ସୁକିନ୍ଦା ଅଞ୍ଚଳ କ୍ରୋମାଇଟି ଉତ୍ତୋଳନ ଓ ରପ୍ତାନି କ୍ଷେତ୍ରରେ ଦେଶର ଆଗୁଆ ରହିଥିବା ବେଳେ କୃଷି କାର୍ଯ୍ୟ ବହୁ କମ ଲୋକ କରୁଥିବା ଦେଖିବାକୁ ମିଳିଥାଏ। କ୍ରୋମାଇଟ ଖଣି ନିକଟବର୍ତ୍ତୀ ଅଞ୍ଚଳରେ ଧାନ ଚାଷ ବ୍ୟତୀତ ଅନ୍ୟ କୌଣସି ଫସଲ ଚାଷ କରାଯାଏନାହିଁ। ତେବେ ଧୀରେଧୀରେ ଖଣି ଅଞ୍ଚଳ ଲୋକଙ୍କ ମଧ୍ୟରେ ଦେଶୀ ଖାଦ୍ୟ ଉତ୍ପାଦନ ପାଇଁ ଆଗ୍ରହ ଦେଖାଦେଇଛି। ଖଣିଠାରୁ ୧୫ କିମି ଦୂର ଢେଙ୍କାନାଳ ଜିଲାର କଙ୍କଡ଼ାହାଡ଼ ଓ କାମାକ୍ଷାନଗର ବ୍ଲକ ଅଧୀନ ବହୁ ଗାଁରେ ପୋଟଳ, ବାଇଗଣ, ବନ୍ଧାକୋବି, କଲରା, ଝୁଡୁଙ୍ଗ, ଶାଗ ଚାଷ ବହୁଳ ଭାବେ କରାଯାଉଥିବାବେଳେ ସ୍ୱଦେଶୀ ଜ୍ଞାନ କୌଶଳରେ ଦେଶୀ ଫୁଲ କୋବି ବିଭିନ୍ନ ରଙ୍ଗର ଉତ୍ପାଦନ ହୋଇଛି। ଖଣି ଅଞ୍ଚଳର ସାପ୍ତାହିକ ହାଟରେ ବ୍ରୋକୋଲି, ନାଲି, ହଳଦିଆ, ଧଳା, କଫି ଓ ଧୂଷରିଆ ରଙ୍ଗର ଫୁଲ କୋବି ବିକ୍ରି ହେଉଛି। ଗ୍ରାହକ ବିପିନ ବିହାରୀ ବାରିକ, ସନ୍ତୋଷ ମହାନ୍ତି କହିଛନ୍ତି, ରଙ୍ଗ ବେରଙ୍ଗ ଫୁଲ କୋବି ଖାଇବାକୁ ଖୁବ୍ ଭଲ ଲାଗୁଛି।


ବଜାରରେ ଜଣେ ବ୍ୟବସାୟୀ ବିଭିନ୍ନ ରଙ୍ଗର କୋବି ବିକ୍ରି କରୁଛନ୍ତି ।

## ବାଇପାସ୍ ରାସ୍ତା ନିର୍ମାଣ: ପୋତିହେଲାଣି କେନାଲ ଶଯ୍ୟା

**ପଟ୍ଟାମୁଣ୍ଡାଇ କେନାଲ**
- ଜଳସେଚନରେ ବାଧା, ଶତାଧିକ ଚାଷଜମି ପ୍ରଭାବିତ
- ପୂର୍ତ୍ତ ବିଭାଗର ଅଣଦେଖା
- ଜଳ ସମ୍ପଦ ବିଭାଗର ଖାମଖିଆଲି ନୀତି

ପଟ୍ଟାମୁଣ୍ଡାଇ,୧୧।୨(କଳ୍ପତରୁ ନାୟକ)

କଟକ ଜଗତପୁରଠାରୁ ବାହାରିଥିବା କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇର ଅଳଭା-ଗଣ୍ଡାକିଆ-କୋରିଆପଲା ପର୍ଯ୍ୟନ୍ତ ଯାଇଥିବା ପଟ୍ଟାମୁଣ୍ଡାଇ କେନାଲ ପ୍ରତି ବିପଦ ସୃଷ୍ଟି ହୋଇଛି। ଜଳ ସମ୍ପଦ ବିଭାଗର ଖାମଖିଆଲି ନୀତି ଏବଂ ପୂର୍ତ୍ତ ବିଭାଗର ଅଣଦେଖା ପାଇଁ ଠିକାଦାର କେନାଲ ବନ୍ଧକୁ ହାଣି ମାଟିକୁ ବାଇପାସ୍ ରାସ୍ତା ନିର୍ମାଣରେ ଲଗାଇଛନ୍ତି। ଫଳରେ କେନାଲ ବନ୍ଧରୁ ଅତଡ଼ା ଖାଇ ଶଯ୍ୟା ପୋତିହୋଇଯାଇଛି। କେନ୍ଦ୍ରାପଡ଼ାର ଭାତହାଣ୍ଡି କୁହାଯାଉଥିବା ଉତିକଣ ଭେଡାକୁ ଜଳସେଚନରେ ବାଧା ସୃଷ୍ଟି ହେବା ନେଇ ଜଳ ସମ୍ପଦ ବିଭାଗ କି ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏଥିଯୋଗୁ ଆଗାମୀଦିନରେ କେନାଲରେ ଜଳ ପରିଚାଳନା ଠିକ୍ ହୋଇପାରିବ ନାହିଁ ବୋଲି ବୁଦ୍ଧିଜୀବୀ ଓ ଚାଷୀମାନେ ମତପ୍ରକାଶ କରିଛନ୍ତି।


ପୂର୍ତ୍ତ ବିଭାଗର ଖାମଖିଆଲି କାର୍ଯ୍ୟ ଯୋଗୁ କେନାଲ ଶଯ୍ୟା ପୋତି ହୋଇଯାଇଛି ।

ଚାଷୀ ବିଜୟ ଦାସ, ନରେଶ ଜେନା, ରଞ୍ଜିତ ପ୍ରଧାନ, କୁଞ୍ଜବିହାରୀ ନାୟକ, ସୁଶାନ୍ତ ସାମଲ ପ୍ରମୁଖ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳର ଚାଷୀମାନଙ୍କର ଏକମାତ୍ର ଭରସା ପଟ୍ଟାମୁଣ୍ଡାଇ କେନାଲ। ଧାନଚାଷ ସମୟରେ ଏବଂ ବନ୍ୟା ପରିସ୍ଥିତିରେ ଏହି କେନାଲ ସହାୟକ ହୋଇଥାଏ। ଚାଷଜମିକୁ ଜଳଯୋଗାଣ ବ୍ୟବସ୍ଥା ସୁସଙ୍ଗଠିତ ଓ ସୁନିୟନ୍ତ୍ରିତ ଲାଗି ୨୦୧୬ରେ ରାଜକୋଷରୁ ଅର୍ଥ ବ୍ୟୟ କରାଯାଇ ଏହି କେନାଲ ଦୁଇପାର୍ଶ୍ୱକୁ ପୋତା ଯାଇ ଏହାର ଓସାରକୁ କମାଇ ଦିଆଯାଇଥିଲା। ମାତ୍ର ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ଅଧୀନ ବଜାର ବାଇପାସ୍‌ଠାରୁ କଖାରୁଣି ପୋଲ ପର୍ଯ୍ୟନ୍ତ କେନାଲ ରାସ୍ତା ଉନ୍ନତୀକରଣ କାର୍ଯ୍ୟ ଚାଲୁଥିବା ବେଳେ ତାହା ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଏହି କେନାଲ ବନ୍ଧ ରାସ୍ତାଟି ପୂର୍ବରୁ ଜଳ ସମ୍ପଦ ବିଭାଗ ଅଧୀନରେ ଥିଲା। ଏହା ୨୦୨୩ରେ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇ ବାଇପାସ୍ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଛି। ରାସ୍ତାପାର୍ଶ୍ୱରେ ଥିବା ଗଛ କଟାଯିବା, ବାହାରୁ ମାଟି କିଣି ପକାଇବା ସହ ବିଦ୍ୟୁତ୍ ଖୁଣ୍ଟ ଉଠାଯିବା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଆକଳନ କରାଯାଇ ବ୍ୟୟ ଅଟକଳ କରାଯାଇଛି। ତେବେ ଆଶ୍ଚର୍ଯ୍ୟର କଥା ଏ ପର୍ଯ୍ୟନ୍ତ ଗୋଟିଏ ବିଦ୍ୟୁତ୍ ଖୁଣ୍ଟ ଉଠାଯାଇନାହିଁ କି ଗଛ କଟାଯାଇନାହିଁ। ଏପଟେ ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ଠିକାଦାର କେନାଲର ଦକ୍ଷିଣ ପାର୍ଶ୍ୱ, ଶଯ୍ୟାକୁ ହାଣି ମାଟି କାମ କରି ଚାଲିଛନ୍ତି। ପୂର୍ବରୁ ଏହି ରାସ୍ତାର ଓସାର ୩.୭୫ ମିଟର ଥିବାବେଳେ ନୂତନ ଭାବେ କରାଯାଇଥିବା ଟେଣ୍ଡରରେ ଏହାର ଓସାର ୭.୭ ମିଟର କରାଯିବ ବୋଲି ସ୍ଥିର କରାଯାଇଛି। ରାସ୍ତାର ବାମପାର୍ଶ୍ୱରେ ହାଇଲେଭଲ କେନାଲ ରହିଥିବା ହେତୁ ରାସ୍ତା ଓସାର ଦକ୍ଷିଣ ପାର୍ଶ୍ୱରେ ହେବ ବୋଲି ସ୍ଥିର କରାଯାଇଛି। ମାତ୍ର ଠିକାଦାର ୨୦୧୬ରେ ଏଡିବି ଦ୍ୱାରା କରାଯାଇଥିବା ପୋତେଇ କାର୍ଯ୍ୟକୁ ବ୍ୟବହାର କରି ବାମପାର୍ଶ୍ୱରେ ରାସ୍ତା କାମ କରିଚାଲିଛନ୍ତ। ଅନ୍ୟପକ୍ଷରେ ଠିକାଦାର ବେଆଇନ ଭାବେ କେନାଲରୁ କେଉଁଠି ମାଟି ଉଠାଇ ତ ଆଉ କେଉଁଠାରେ ମାଟିକୁ ଗଦାକରି କାମ କରୁଥିବାରୁ ଶଯ୍ୟା ପୋତି ହୋଇ ଉଚ୍ଚା ଢିପ ଭଳି ହୋଇରହିଛି। ଫଳରେ ଜଳଯୋଗାଣ ବ୍ୟବସ୍ଥାରେ ବାଧା ସୃଷ୍ଟି ହେବାରେ ଲାଗିଛି। ରାସ୍ତା ପ୍ରଶସ୍ତୀକରଣ ଦକ୍ଷିଣ ପାର୍ଶ୍ୱକୁ ହେବାକୁ ଥିବାବେଳେ ଠିକାଦାର କେନାଲକୁ ଲଗାଇ ନିମ୍ନମାନର କାମ କରୁଥିବା ଅଭିଯୋଗ ହୋଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ଅଣଦେଖା କରାଯାଉଥିବା ଯୋଗୁ ଠିକା ସଂସ୍ଥା ନିମ୍ନମାନର କାର୍ଯ୍ୟ କରୁଥିବା ଲୋକେ କହିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରତିକାନ୍ତ ବେହେରାଙ୍କୁ ପଚାରିବାରୁ କାମ ଶେଷ କରିବାକୁ ଠିକାଦାରକୁ ନିର୍ଦ୍ଦେଶ ଦେଇଛୁ। ପ୍ରତ୍ୟେକ ସମୟରେ କାମ ତଦାରଖ କରୁଛୁ। ଅନିୟମିତତା ହେଉନାହିଁ। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗର ଏସଡିଓ ପ୍ରଭାତ ସାହୁଙ୍କୁ ପଚାରିବାରେ ଅଭିଯୋଗ ପାଇବା ପରେ ଶୁକ୍ରବାର କାର୍ଯ୍ୟ କ୍ଷେତ୍ର ତନଖି କରି କେନାଲ ପୋତି ହୋଇ ଯାଇଥିବାରୁ ପୂର୍ତ୍ତ ବିଭାଗକୁ ଚିଠି କରିଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗରେ କର୍ଯ୍ୟ ତଦାରଖ ପାଇଁ ସହକାରୀ ଯନ୍ତ୍ରୀ, କନିଷ୍ଠଯନ୍ତ୍ରୀଙ୍କ ନିଯୁକ୍ତି ହୋଇ ନାହାନ୍ତି। ଏଥିଯୋଗୁ ନିର୍ମାଣ ଓ ଉନ୍ନତିମୂଳକ କର୍ଯ୍ୟ ତଦାରଖ ହେଉ ନ ଥିବାରୁ କାମର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଧାନମଣ୍ଡିରେ ଅଚଳାବସ୍ଥା ଧରିଲାଣି

**ନୟାଗଡ଼,୧୧।୨(ଲୋକନାଥ ମିଶ୍ର)**

- କୁଇଣ୍ଟାଲ ପିଛା ୨ ହଜାରରେ ଘର ସମ୍ମୁଖରେ ଚାଷୀ ବିକୁଛି ଧାନ
- କଟନୀ ଛଟନୀ, ଅବ୍ୟବସ୍ଥାରୁ ଦୂରେଇ ଗଲା ଚାଷୀ
- ଛତିଶଗଡ଼ ଚାଲାଣ ହେଉଛି ଧାନ
- ସମ୍ବଲପୁର ବ୍ୟବସାୟୀଙ୍କ ମାଧ୍ୟମରେ ହେଉଛି ଚାଲାଣ



ମଣ୍ଡିରେ ଧାନ ବିକ୍ରି ପାଇଁ ଅପେକ୍ଷାରତ ଚାଷୀ।

ନୟାଗଡ଼ ଜିଲାର ଧାନମଣ୍ଡି ଗୁଡିକରେ ଧୀରେ ଧୀରେ ଧାନ କିଣା ହ୍ରାସ ପାଇବା ଆରମ୍ଭ ହୋଇଛି। ପାଖରେ ଧାନ ଥିଲେ ବି ଚାଷୀ ମଣ୍ଡିକୁ ନ ଯାଇ ଘର ସମ୍ମୁଖରେ କୁଇଣ୍ଟାଲ ପିଛା ୨ ହଜାର ଟଙ୍କାରେ ବିକ୍ରି କରିବା ପରେ ଧାନମଣ୍ଡିରେ ଏବେ ଅଚଳାବସ୍ଥା ଆରମ୍ଭ ହୋଇଛି। ୭ କେଜି କଟନୀ ଛଟନୀ ଓ ଧାନ ବିକ୍ରିର ଅବ୍ୟବସ୍ଥାକୁ ଡରି ଚାଷୀ ଘର ସମ୍ମୁଖରେ ଧାନ ବିକ୍ରି କରିବାକୁ ନିରାପଦ ମଣୁଛନ୍ତି। ବୁଧବାର ବାଲୁଗାଁ ଧାନମଣ୍ଡିକୁ ଧାନ ନେବା ପାଇଁ ୩ଟି ଟ୍ରକ ଆସିଥିବାବେଳେ ଚାଷୀ ମାତ୍ର ୧୫୦ ବସ୍ତା ଧାନ ଆଣିଥିଲେ। ବାଲୁଗାଁ ମଣ୍ଡି ପରି ଜିଲାର ଅନ୍ୟ ସ୍ଥାନରେ ଏଭଳି ଅଚଳାବସ୍ଥା ଆରମ୍ଭ ହେଲାଣି। ନୟାଗଡ଼ ଜିଲାରୁ ଧାନ ଛତିଶଗଡ଼କୁ ସମ୍ବଲପୁର ବ୍ୟବସାୟୀଙ୍କ ମାଧ୍ୟମରେ ଚାଲାଣ ହେଉଥିବା ଅଭିଯୋଗ ହେଉଛି।

ଏ ନେଇ ନୂଆଗାଁ ବ୍ଲକ ମାଳିସାହି ଗାଁର ମୁରଲୀ ମହାପାତ୍ର କହିଛନ୍ତି ଧାନ ମଣ୍ଡିରେ ଧାନ ବିକିଲେ ସରକାରୀ ଦର ଅନୁଯାଇ କୁଇଣ୍ଟାଲ ପିଛା ୨୧୮୩ ଟଙ୍କା ରହିଛି। ତେବେ ଘର ସମ୍ମୁଖରେ ବ୍ୟବସାୟୀ କୁଇଣ୍ଟାଲ ପିଛା ୨ ହଜାର ଟଙ୍କାରେ ଧାନ କିଣୁଛନ୍ତି। ଘରୁ ଧାନ ବୋହିବାଠାରୁ ଆରମ୍ଭ କରି କଣ୍ଟା ପାଲ ଓ ଗାଡିରେ ରଖିବା ପର୍ଯ୍ୟନ୍ତ କାର୍ଯ୍ୟ ବ୍ୟବସାୟୀଙ୍କର। ଚାଷୀଙ୍କର ଧାନ ବିକ୍ରିରେ ହାତ ବାଜୁନି। କିନ୍ତୁ ମଣ୍ଡିକୁ ଧାନ ନେଇ ଗଲେ କ୍ଷତି ହେଉଛି। ଏଣୁ ୩୦ କୁଇଣ୍ଟାଲ ଧାନ ବ୍ୟବସାୟୀଙ୍କୁ ବିକ୍ରି କରିଦେଲି। ମାଳିସାହିର ମାଗି ସ୍ୱାଇଁ କହିଛନ୍ତି, ମଣ୍ଡକୁ ଗଲେ ଝାମେଲା ଓ ଟେନଶନ। ପ୍ରଥମେ ମୋବାଇଲକୁ ଧାନ ବିକ୍ରି ପାଇଁ ଟୋକନ ଆସିବ। ଟୋକନ ପାଇଲା ପରେ ମଣ୍ଡିରେ ଧାନ ବିକ୍ରି କଲେ କୁଇଣ୍ଟାଲ ପିଛା ୭ କେଜି ଲେଖାଏ କଟନୀ ଛଟନୀ କରୁଛନ୍ତି। ପୁଣି ଘରୁ ମଣ୍ଡିକୁ ନେବା ପାଇଁ ପରିବହନ ଖର୍ଚ୍ଚ ଚାଷୀକୁ ଦେବାକୁ ପଡୁଛି। ମଣ୍ଡିକୁ ଗଲେ ଧାନ ବିକ୍ରିର ଗ୍ୟାରେଣ୍ଟି ରହୁନି। ଧାନ ବିକ୍ରି ପାଇଁ ସମ୍ପାଦକ, ମିଲରଙ୍କୁ ମୁଣ୍ଡିଆ ମାରିବାକୁ ପଡୁଛି। ଏଣୁ ବିନା ଟେନସନରେ ମୋର ଧାନକୁ କୁଇଣ୍ଟାଲ ପିଛା ୨ ହଜାର ଟଙ୍କାରେ ୧୨ କୁଇଣ୍ଟାଲ ବିକ୍ରି କରିଛି। ମାଳିସାହିର ଅନୁରାଧା ବିଶ୍ୱାଳ କହିଛନ୍ତି, ବଡ଼ ହଇରାଣରେ ମଣ୍ଡିରେ କଟନୀ ଛଟନୀ କରି ୭ କୁଇଣ୍ଟାଲ ଧାନ ବିକ୍ରି କରିଛି। ଅବଶିଷ୍ଟ ଧାନ ବ୍ୟବସାୟକୁ ବିକ୍ରି କଲି। ବ୍ୟବସାୟକୁ ବିକ୍ରି କରିଥିବା ଧାନରେ ଲାଭରେ ରହିଲି। ମଣ୍ଡିକୁ ଧାନ ଦେଇ କୁଇଣ୍ଟାଲ ପିଛା ପ୍ରାୟ ୧୦୦ ଟଙ୍କା କ୍ଷତି ହେଲା। ଗୁଡୁପାଙ୍ଗିର ପ୍ରଫୁଲ୍ଲ ପ୍ରଧାନ କହିଛନ୍ତି, ନୟାଗଡ଼ ଜିଲାର ଚାଷୀ ମଣ୍ଡି ଓ ବ୍ୟବସାୟୀଙ୍କୁ ତୁଳନା କରିବା ପରେ ବ୍ୟବସାୟୀଙ୍କୁ ଧାନ ବିକିଲେ ଲାଭ ହେଉଛି ବୋଲି ଅନୁଭବ ହେଲାଣି। ମଣ୍ଡିରେ ଟେନସନ ନେଇ ଧାନ ବିକ୍ରି ଅପେକ୍ଷା ବ୍ୟବସାୟୀଙ୍କୁ ଧାନ ଦେଇ ଲାଭରେ ରହିବା ସୁବିଧା ହେଉଛି। ରଣପୁରର ଚାଷୀ ଶିଶିର ଭଞ୍ଜ କହିଛନ୍ତି, ଚଳିତବର୍ଷ ମରୁଡି ଓ ଅଦିନିଆ ବର୍ଷା ଧାନ ଫସଲ ଉପରେ ଦାଉ ସାଧିଲା। ଅମଳ କମିଲା। ଏଭଳିସ୍ଥଳେ ମଣ୍ଡିରେ କଟନୀ ଛଟନୀ ନେଇ ପ୍ରତିବାଦ କରିବା ପରେ ସୁଫଳ ମିଳିଲାନି। ଏଣୁ ଚାଷୀ ମଣ୍ଡି ପ୍ରତି ବିତସ୍ପୃହ ହୋଇ ବ୍ୟବସାୟୀଙ୍କୁ ଧାନ ବିକ୍ରି କରୁଛନ୍ତି। ଓଡ଼ଗାଁର ଚାଷୀ ଭାଗବତ ପରିଡା କହିଛନ୍ତି ମୋର ଟୋକନ ରବିବାର ପର୍ଯ୍ୟନ୍ତ ଆସିଲା ନାହିଁ। ମୁଁ ଧାରକରଜ କରି ଧାନ ଚାଷ କରିଥିଲି। ଏଭଳିସ୍ଥଳେ ମଣ୍ଡିକୁ ଯିବା ପାଇଁ ଅପେକ୍ଷା ନ କରି ବାହାରେ ବ୍ୟବସାୟୀଙ୍କୁ ମୋର ସବୁ ଧାନ ବିକ୍ରି କାରି ଦେଲି। ବାଲୁଗାଁର ଚାଷୀ ରଣଜିତ୍ ଦଳବେହେରା କହିଛନ୍ତି କଟନୀ ଛଟନୀକୁ ବିରୋଧ ଓ ଆନ୍ଦୋଳନ ପରେ ସୁଫଳ ମିଳିଲାନି। ଯଦିଓ ଧାନ ମଣ୍ଡିରେ ବିକିଛି ତେବେ ମୋ ଗାଁ ଓ ଆଖପାଖ ଲୋକ ବ୍ୟବସାୟୀଙ୍କୁ ଧାନ ବିକ୍ରି କରୁଛନ୍ତି। ବ୍ୟବସାୟୀଙ୍କୁ ଧାନ ବିକିଲେ କୁଇଣ୍ଟାଲ ପିଛା ୨ ହଜାର ଟଙ୍କା ନଗଦ ମିଳୁଛି। ଆମ ଅଞ୍ଚଳର ଧାନ ଛତିଶଗଡ଼ ଯାଉଥିବାରୁ ରେଟକୁ ବ୍ୟବସାୟୀ ଅଧିକ ଦରରେ କିଣୁଛନ୍ତି । ଛତିଶଗଡ଼ ମିଲର ସ୍ଥାନୀୟ ବ୍ୟବସାୟୀଙ୍କୁ ହାତ କରି ନୟାଗଡ଼ ଜିଲାରୁ ୨ ହଜାର ଟଙ୍କାରେ ଧାନ କିଣି ଚାଲିଛନ୍ତି। ଚଳିତବର୍ଷ ଜିଲାରରେ ଧାନ ଟାର୍ଗେଟ ଫିଲପ ହେବାର ସନ୍ଦେହ ସୃଷ୍ଟି ହୋଇଛି।

# ଶରଧାପୁରରେ ନୂଆ-ଓ ସଚେନତନା କାର୍ଯ୍ୟକ୍ରମ



ସଭାରେ ବିଧାୟକ ଅରୁଣ କୁମାର ସାହୁ ଓ ଅନ୍ୟମାନେ।

**ଓଡ଼ଗାଁ, ୧୧।୨**
**(ଆଦର୍ଶ କୁମାର ପଟ୍ଟନାୟକ)**

## ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଅଧୀନ ଶରଧାପୁର ପଞ୍ଚାୟତରେ ରବିବାର ରାଜ୍ୟ ସରକାରଙ୍କ ନୂଆ ଓ ସଚେତନତା କାର୍ଯ୍ୟକ୍ରମ ସହ ନୂତନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ଆମ୍ବରାପୁରଠାରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ବିଧାୟକ ଅରୁଣ କୁମାର ସାହୁ ଉଭୟ ନୂତନ କୋଠାକୁ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଉପାଧ୍ୟକ୍ଷା ମୀରା ନାୟକ, ଜିଲା ପରିଷଦ ସଦସ୍ୟ ବିରଜାଲକ୍ଷ୍ମୀ ସାହୁ, ଝିଲି ପ୍ରଧାନ, ସରପଞ୍ଚ ଚାନ୍ଦିନୀ ରାଉତ ଓ ସମିତି ସଭ୍ୟା ମିନତି ପ୍ରଧାନ ଉପସ୍ଥିତ ଥିଲେ। ୩୦ ଲକ୍ଷ ଟଙ୍କା ବ୍ୟୟରେ ଦୁଇ ମହଲା ବିଶିଷ୍ଟ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଓ ୪୦ ଲକ୍ଷ ଟଙ୍କା ବ୍ୟୟରେ ଦୁଇ ମହଲା ବିଶିଷ୍ଟ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ମାତ୍ର ବର୍ଷକ ମଧ୍ୟରେ ନିର୍ମାଣ କରାଯାଇଥିବା ବିଧାୟକ ସାହୁ ପ୍ରକାଶ କରିଥିଲେ। ଏହାସହ ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ନୂଆ-ଓ ସଚେତନତନା ସମାରୋହରେ ଓଡ଼ଗାଁ ବ୍ଲକ ସମେତ ଜିଲାରେ ୫-ଟି କାର୍ଯ୍ୟକ୍ରମରେ ଦ୍ରୁତଗତିରେ ହୋଇଥିବା ବିକାଶର ଏକ ଲମ୍ବା ଚିଠା ବିଧାୟକ ସାହୁ ପ୍ରଦାନ କରିଥିଲେ। ଏଥି ମଧ୍ୟରେ ଶିକ୍ଷାନୁଷ୍ଠାନ, ହସ୍ପିଟାଲ, ପୋଖରୀ, ପାର୍କ, ମନ୍ଦିର ଓ ରାସ୍ତା ଘାଟ ଆଦିର ବର୍ଣ୍ଣନା କରିବା ସହିତ ଆମ ରାଜ୍ୟ ଏକ ରାଜସ୍ୱ ବଳକା ରାଜ୍ୟ ଏବଂ ଋଣ ପରିଶୋଧ କରିବାରେ ଦେଶରେ ଏକ ନମ୍ବର ବୋଲି କହିଥିଲେ। ଓଡ଼ଗାଁ ବ୍ଲକରେ ନୂତନ ଆମ ବସ୍‌ଷ୍ଟାଣ୍ଡ ନିର୍ମାଣ ସହ ଓ ଲକ୍ଷ୍ମୀ ବସ ଚଳାଚଳ କରିବା ଦ୍ୱାରା ଏହି ବ୍ଲକ ଗମନାଗମନ କ୍ଷେତ୍ରରେ ସମଗ୍ର ଜିଲାରେ ଆଗୁଆ ରହିପାରିବ ବୋଲି କହିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସରପଞ୍ଚଙ୍କ ପ୍ରତିନିଧି ସମୀର କୁମାର ରାଉତ ପରଚାଳନା କରିଥିଲେ। ଏଥିରେ ବ୍ଲକ ବିଜେଡି ସଭାପତି ସୂର୍ଯ୍ୟନାରାୟଣ ଚୌଧୁରୀ ଓ ବ୍ଲକର ସମସ୍ତ ନିର୍ବାଚିତ ପ୍ରତିନିଧି ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସ୍ଥାନୀୟ ପଞ୍ଚାୟତର ଛାତ୍ରୀମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ବିକାଶ ସମ୍ବନ୍ଧିତ ସମ୍ବଲପୁରୀ ଡ୍ୟାନ୍ସ ସମସ୍ତଙ୍କୁ ମୁଗ୍ଧ କରିଥିଲା।

# ଜଙ୍ଗଲ ନିଆଁ ରୋକିବାକୁ ବନ୍ୟପ୍ରାଣୀ ବିଭାଗର ସଚେତନତା

**ଗଣିଆ,୧୧।୨**
**(ସନ୍ତୋଷ କୁମାର ପ୍ରଧାନ)**

ଆଗକୁ ଗ୍ରୀଷ୍ମଋତୁ। ଜଙ୍ଗଲ ନିଆଁ ରୋକିବା ପାଇଁ ବନ ବିଭାଗ ପକ୍ଷରୁ ଗାଁ ଗାଁରେ ଲୋକଙ୍କୁ ବନ କର୍ମଚାରୀ ସଚେତନ କରୁଛନ୍ତି। ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ରବିବାର ବନାଞ୍ଚଳର ବିଭିନ୍ନ ଗ୍ରାମରେ ସଚେତନତା କରାଯାଇଛି। ଛାମୁଣ୍ଡିଆ ବନାଞ୍ଚଳ ଅଧିକାରୀ ମୌସୁମୀ ବେହେରାଙ୍କ ନେତୃତ୍ୱରେ ବନ୍ୟପ୍ରାଣୀ ବିଭାଗ କର୍ମଚାରୀମାନେ ଛାମୁଣ୍ଡିଆ ବଜାରରୁ ଏକ ସଚେତନତା ରାଲି ବାହରି, ରାଜିଙ୍ଗି, କୁମ୍ଭୀରଖଣୀ ପରି ୫ଖଣ୍ଡ ଗ୍ରାମ ପରିକ୍ରମା କରି ଗ୍ରୀଷ୍ମ ଋତୁରେ ଜଙ୍ଗଲ ନିଆଁ ରୋକିବା, ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବା, ଜଙ୍ଗଲ ନିଆଁରେ ପରିବେଶ ନଷ୍ଟ ସମ୍ପର୍କରେ ପ୍ଲାକାର୍ଡ ଓ ଗୀତ ମାଧ୍ୟମରେ ଲୋକଙ୍କୁ ସଚେତନତା କରିଥିଲେ। ତେବେ ଗ୍ରମଗୁଡ଼ିକର ମଧ୍ୟସ୍ଥଳରେ ଲୋକନୃତ୍ୟ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବନପାଳ ପ୍ରତାପ ସେଠୀ, ଲୋକନାଥ ସେଠୀ, ଦେବାଶିଷ ବେହେରା, ରୋଜାଲିନ ସ୍ୱାଇଁ, ସଞ୍ଜୟ କୁମାର ରାଉତଙ୍କ ସମେତ ସମସ୍ତ କର୍ମଚାରୀ ଯୋଗଦେଇଥିଲେ।




ବନ କର୍ମଚାରୀ ଅନ୍ୟମାନଙ୍କ ଦ୍ୱାରା ପଥପ୍ରାନ୍ତ ସଚେତନତା।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଜୟା



@ ଶିବାନୀ



@ କୃଷ୍ଣ



@ ମୃତ୍ୟୁଞ୍ଜୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରଘୁନାଥ ଏଫ୍‌ସି ଟାଙ୍ଗୀ ଚାମ୍ପିୟନ



ଖେଳରେ ଯୋଗ ଦେଇଥିବା ଅତିଥିମାନେ।

**ଭାପୁର,୧୧।୨(ଭରତ କୁମାର ବେହେରା)**

ନୟାଗଡ ଜିଲ୍ଲା ଭାପୁର ବ୍ଲକ ଅନ୍ତର୍ଗତ ବାଇଗୁଣୀଆ ୟୁଥ୍ ସ୍ପୋର୍ଟସ କ୍ଲବ ଆସୋସିଏଶନ୍ ପକ୍ଷରୁ ଅନୁଷ୍ଠିତ ୨୭ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟରର ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚରେ ୭୨ କ୍ଲବ ଭୁବନେଶ୍ୱରକୁ ପରାସ୍ତ କରି ରଘୁନାଥ ଏଫ୍‌ସି ଟାଙ୍ଗୀ ଚାମ୍ପିୟନ ହୋଇଛି। ଖେଳର ପ୍ରଥମାର୍ଦ୍ଧରେ ମ୍ୟାଚରେ ଟାଙ୍ଗୀ ଦଳର ଜାନୀ ୭ ମିନିଟ୍‌ରେ ଗୋଟିଏ ଗୋଲ ଦେଇଥିଲେ। ପରେ ଦ୍ୱିତୀୟାର୍ଦ୍ଧରେ ପୁନଶ୍ଚ ଟାଙ୍ଗୀ ଫୁଟବଲ ଟିମର ଜଟିଆ ଆଉ ୨ଟି ଗୋଲ ଭୁବନେଶ୍ୱରକୁ ଦେଇଥିଲେ। ଫଳରେ ଭୁବନେଶ୍‌ରକୁ ୩-୦ ଗୋଲରେ ପରାସ୍ତ କରି ରଘୁନାଥ ଏଫ୍ ସି ଟାଙ୍ଗୀ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚକୁ ମୁଖ୍ୟ ରେଫରୀ ଭାବେ ପ୍ରସନ୍ନ କୁମାର ନାୟକ ଓ ଲାଇନରେ ଜଗନ୍ନାଥ ପରିଡ଼ା, ସୁବାସ ଚନ୍ଦ୍ର ବେହେରା ସହାୟତା କରିଥିଲେ। ଚତୁର୍ଥ ରେଫରୀ ଭାବେ କାହ୍ନୁ ଚରଣ ମହାରଣା କାର୍ଯ୍ୟ ତୁଲାଇଥିଲେ। ଧାରାବିବରଣୀ ୟୁଥ୍ ଆସୋସିଏଶନର ସଭାପତି ସର୍ବେଶ୍ୱର ମହାରଣା ପ୍ରଦାନ କରିଥିଲେ। ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ମୁଖ୍ୟବକ୍ତା ଭାବେ ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ଭାପୁର ବ୍ଲକ ବିଜେଡି ସଭାପତି ଶିବ ପ୍ରସାଦ ଷଡଙ୍ଗୀ, ବୈକୁଣ୍ଠନାଥ ଦାଶ, ସାମାଜିକ କର୍ମୀ ସନ୍ତୋଷ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ରଘୁନାଥ ଏଫ୍‌ସି ଟାଙ୍ଗୀ ଟିମକୁ ଚାମ୍ପିୟନ ଟ୍ରଫି ସହ ୭ ହଜାର ଓ ୭୨ କ୍ଲବ ଭୁବନେଶ୍ୱରକୁ ରନର୍ସ ଟ୍ରଫି ସହ ନଗଦ ୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଶେଷରେ ଆସୋସିଏଶନର ସଭାପତି ପତାକା ଅବତରଣ କରି ଖେଳକୁ ଉଦ୍‌ଯାପିତ କରିଥିଲେ। ୟୁଥ୍ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ମହିଳା ସଶକ୍ତ ହେଲେ ଦେଶର ଉନ୍ନତି ହେବ

**ଭାପୁର, ୧୧।୨**
**(ଭରତ କୁମାର ବେହେରା )**

## ୨ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଭାପୁର ବ୍ଲକର କଇଁଫୁଲିଆ ଓ ଫତେଗଡ ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୧ଟାରେ କଇଁଫୁଲିଆ ପଞ୍ଚାୟତ ସାମ୍ନାରେ ଥିବା ଖେଳ ପଡ଼ିଆରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଭାପୁର ବ୍ଲକ ବିଜେଡି ସଭାପତି ଶିବ ପ୍ରସାଦ ଷଡ଼ଙ୍ଗୀ, ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ପଞ୍ଚାୟତ ବିଜେଡି ସଭାପତି ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ ଯୋଗଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଭାପୁର ବ୍ଲକର ସମିତିସଭ୍ୟ ସଭାପତି ବାଳଗୋପାଳ ଷଡ଼ଙ୍ଗୀ ଓ ସରପଞ୍ଚ ରମେଶ ପ୍ରସାଦ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ଫତେଗଡ ପଞ୍ଚାୟତରରେ ଅପରାହ୍ନ ସାଢେ ୧ଟାରେ ଭାପୁର ବିଡିଓ ରଣଜିତ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ଶିବିରରେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରଧାନ ଯୋଗଦେଇଥିଲେ। ସେ କହିଥିଲେ, ରାଜ୍ୟ ସରକାର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ଜନସାଧାରଣଙ୍କ ପାଇଁ ହିତ କଥା ଅହରହ ଚିନ୍ତା କରୁଛନ୍ତି। ଆମେ ପିଲାବେଳେ ବହିରେ ପାଠ ପଢିଛେ ଯେଉଁ ଦେଶର ମହିଳା ଯେତେ ସଶକ୍ତ ସେହି ଦେଶ ସେତେ ଉନ୍ନତ ହୋଇଥାଏ। ରାଜ୍ୟ ସରକାର ସବୁବେଳେ ମାତୃଶକ୍ତିକୁ ସମ୍ମାନ ଦେବାକୁ ଚିନ୍ତା କରିଥାନ୍ତି। ରାଜ୍ୟ ସରକାରଙ୍କ ପାଇଁ ଆଜି ଗ୍ରାମାଞ୍ଚଳଠାରୁ ସହର ପର୍ଯ୍ୟନ୍ତ ରୂପାନ୍ତରଣ ହୋଇପାରିଛି। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ୧୮ ନଂ. ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ସନ୍ତୋଷ କୁମାର ତ୍ରିପାଠୀ, ସମିତି ସଭ୍ୟ ବଂଶୀଧର ସୁବୁଦ୍ଧି, ପୂର୍ବତନ ସରପଞ୍ଚ ବୈକୁଣ୍ଠ ନାଥ ସାହୁ, ଭାପୁର ବ୍ଲକ ବିଜେଡି ସଭାପତି ଶିବ ପ୍ରସାଦ ଷଡଙ୍ଗୀ, କରବର ପଞ୍ଚାୟତ ସମିତି ସଭ୍ୟ ତପନ ମହାପାତ୍ର, ବାଉଁଶବିଟିର ସମିତି ସଭ୍ୟ ପ୍ରତିନିଧି ଅଖିଳ ଶିଠ, ଭାପୁର ବ୍ଲକର ମିଶନ ଶକ୍ତିର ବ୍ଲକ ସଭାପତି ନିରୁପମା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଭାପୁର ପଞ୍ଚାୟତରେ ଆମ ବ୍ୟାଙ୍କ ଦ୍ୱାରା ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ପଞ୍ଚାୟତରରେ ଚଳିତ ମାସର ଶେଷ ସୁଦ୍ଧା ଲକ୍ଷ୍ମୀ ବସ୍ ସେବା ଆରମ୍ଭ ହେବ ବୋଲି କହିଥିଲେ।





ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ମହିଳାମାନେ।

